# ବ୍ରହ୍ମପୁର ଜେଲ୍‌ରେ ଖୁବ୍‌ଶୀଘ୍ର କାର୍ଯ୍ୟକାରୀ ହେବ 'ପିଏମ୍‌ଏସ୍'

## ସ୍ୱତନ୍ତ୍ର ଆପ୍‌ରେ ରହିବ ଅନ୍ତେବାସୀଙ୍କ କୁଣ୍ଡଳୀ






**ବ୍ରହ୍ମପୁର, ୧୬।୬(ସମିସ):** ଜେଲ୍‌ରେ ଅନ୍ତେବାସୀଙ୍କ କୁଣ୍ଡଳୀ ଜାଣିବା ପାଇଁ ପ୍ରସ୍ତୁତ ହୋଇଛି ଏକ ସ୍ୱତନ୍ତ୍ର ଆପ୍। ଯେଉଁ ଆପ୍‌ରେ କଏଦୀ ଓ ଅନ୍ତେବାସୀଙ୍କ ସମସ୍ତ ତଥ୍ୟ ରହିବ। କିଏ କେତେ ଥର ଜେଲ୍‌କୁ ଆସିଛନ୍ତି, ଜାମିନ୍‌ରେ କେବେ ମୁକୁଳିଥିଲେ, କେଉଁ ଅପରାଧରେ ଜେଲ୍‌କୁ ଆସିଥିଲେ। ଏ ସମସ୍ତ ତଥ୍ୟ ଏହି ଆପ୍‌ରୁ ଜାଣିହେବ। ଯଦ୍ୱାରା ସମୟର ସଦୁପଯୋଗ ସହିତ ସବୁ କାର୍ଯ୍ୟ ପେପରଲେସ୍ ହୋଇପାରିବ। ଖୁବ୍‌ଶୀଘ୍ର ବ୍ରହ୍ମପୁର ଜେଲ୍‌ରେ ପ୍ରିଜନ୍ ମେନେଜମେଣ୍ଟ ସିଷ୍ଟମ୍ ବା 'ପିଏମ୍‌ଏସ୍' ବ୍ୟବସ୍ଥା କାର୍ଯ୍ୟକାରୀ ହେବାକୁ ଯାଉଥିବା ଜେଲ୍‌ର ବରିଷ୍ଠ ଅଧକ୍ଷୀକ ଧୀରେନ୍ଦ୍ରନାଥ ବାରିକ ସୂଚନା ଦେଇଛନ୍ତି।

### ହଟ୍‌ଲିଷ୍ଟରେ ରହିବେ କୁଖ୍ୟାତ ଅପରାଧୀ

ଏହି ବ୍ୟବସ୍ଥା ଜରିଆରେ ମୁଖ୍ୟତଃ ଜେଲରେ ଥିବା କଏଦୀଙ୍କ ସମ୍ପର୍କରେ ସମସ୍ତ ତଥ୍ୟ ସହିତ ଜେଲରେ କାର୍ଯ୍ୟରତ ୱାର୍ଡରଙ୍କ ତଥ୍ୟ ମଧ୍ୟ ରହିବ। ଫଳରେ ଗୋଟିଏ ନାମରେ ଯଦି ଦୁଇଜଣ କଏଦୀ ରହିଥିବେ ତେବେ ଭୁଲରେ ସୁଦ୍ଧା କୌଣସି କଏଦୀ ଖସିବା ସମ୍ଭବପର ହେବନାହିଁ। ଗ୍ୟାଙ୍ଗଷ୍ଟାର, କୁଖ୍ୟାତ ଅପରାଧୀ, ଓ ଅଭ୍ୟାସଗତ ଅପରାଧୀଙ୍କ ନାମକୁ ହଟ୍‌ଲିଷ୍ଟରେ ରଖାଯିବା ସହିତ ସେମାନଙ୍କ ଉପରେ ତୀକ୍ଷ୍ଣ ନଜର ରଖାଯିବ। ସେମାନଙ୍କ ପାଇଁ ଏହି ଆପରେ ସ୍ୱତନ୍ତ୍ର କେଟିଗୋରୀ କରାଯିବ। ଜେଲରଙ୍କ ବଦଳି ହେଲେ ନୂଆ ଜେଲରଙ୍କୁ ଏହି ଆପ୍ ମାଧ୍ୟମରେ ସମସ୍ତ କଏଦୀ ଓ କର୍ମଚାରୀଙ୍କ ସମ୍ପର୍କରେ ବିସ୍ତୃତ ତଥ୍ୟ ଜାଣିବାରେ କୌଣସି ସମସ୍ୟା ରହିବନାହିଁ। ଫଳରେ ଆବଶ୍ୟକ ସ୍ଥଳେ କୌଣସି କଏଦୀଙ୍କୁ ଅନ୍ୟ ଜେଲକୁ ସ୍ଥାନାନ୍ତର ପାଇଁ ପଦକ୍ଷେପ ଗ୍ରହଣ କରିବା ସହଜସାଧ୍ୟ ହେବ। ସେପଟେ ଏହି ବ୍ୟବସ୍ଥାକୁ ସଠିକ ଭାବେ ଜେଲର ପରିଚାଳନା କରୁଛନ୍ତି କି ନାହିଁ ତାହାକୁ ମଧ୍ୟ ଅନଲାଇନ ମାଧ୍ୟମରେ ଜେଲ ବିଭାଗ ଉଚ୍ଚ ଅଧିକାରୀ ନିରୀକ୍ଷଣ କରିପାରିବେ। ବିଭାଗୀୟ ବରିଷ୍ଠ ଅଧିକାରୀଙ୍କ ନିକଟରେ ମଧ୍ୟ ଏହାର ଆଇଡି ଓ ପାସ୍‌ୱାର୍ଡ ରହିବ। କୌଣସି କଏଦୀଙ୍କ ଦଣ୍ଡ ଶେଷ ହେବାପରେ ସେ ଜେଲରୁ ମୁକ୍ତି ପାଇଲେ ସେସମ୍ପର୍କିତ ତଥ୍ୟ ମଧ୍ୟ ରହିବ। ଫଳରେ ଅନେକ ସମୟରେ ଦଣ୍ଡ ଶେଷ ପରେ ମଧ୍ୟ କୌଣସି କଏଦୀ ଅଯଥାରେ ଦଣ୍ଡ ଭୋଗିବେନାହିଁ। ଜଣେ କଏଦୀ ଜେଲକୁ କେବେ ଆସିଲେ, କେବେ ମୁକୁଳିଲେ ଓ କିଏ କେତେଦିନ ପାଇଁ ପାରୋଲରେ ଯାଇଛନ୍ତି ପୁଣି କେବେ ଫେରିବେ ସେ ସବୁ ତଥ୍ୟ ଉପରେ ଆଧାରିତ ଏକ ଡାଟାବେସ ପ୍ରସ୍ତୁତ ହେବ।



### ଜେଲରଙ୍କ ପାଖରେ ରହିବ ପାସ୍‌ୱାର୍ଡ

ଏହି ଆପ୍‌କୁ କେବଳ ଜେଲ୍‌ର ହିଁ ଖୋଲିପାରିବେ। ତାଙ୍କୁ ଏକ ଆଇଡି ଏବଂ ପାସ୍‌ୱାର୍ଡ ଦିଆଯିବ। ଜେଲର ଏହାକୁ ଲଗ-ଇନ୍ କଲେ ସମସ୍ତ ତଥ୍ୟ ଦେଖିପାରିବେ। ଆବଶ୍ୟକ ସ୍ଥଳେ ନୂତନ ଅପରାଧୀଙ୍କ ନାମ, ଠିକଣା, ସେମାନଙ୍କ ଅପରାଧ ଓ ସଜା ସମ୍ପର୍କିତ ତଥ୍ୟକୁ ଯୋଡ଼ି ପାରିବେ। ଯାହା ଯେ କୌଣସି କଏଦୀଙ୍କ ସମ୍ପର୍କରେ ନୂଆ ଜେଲର କିମ୍ବା ଉଚ୍ଚ ଅଧିକାରୀ ଜାଣିବାକୁ ଚାହିଁଲେ ଆଇଡି ଲଗ୍‌ଇନ୍ କରି ସହଜରେ ଜାଣି ପାରିବେ। ଏଥିରେ ଜେଲର ୱାର୍ଡରମାନଙ୍କ ଡ୍ୟୁଟି ସିଫ୍ଟ ଲେକାଯିବା ସହ କୌଣସି ୱାର୍ଡରଙ୍କ ନାମରେ ଅଭିଯୋଗ ଆସେ ତାହା ମଧ୍ୟ ଏଥିରେ ଅପଡେଟ୍ କରିପାରିବେ। କଏଦୀଙ୍କ ଭଳି ଜଣେ ୱାର୍ଡର କେତେ ବର୍ଷ କେଉଁ ଜେଲରେ ରହିଲେ ଏବଂ କେଉଁ ଜେଲକୁ ବଦଳି ହୋଇଗଲେ ସେସମ୍ପର୍କିତ ତଥ୍ୟ ଏଥିରେ ଉଲ୍ଲେଖ ରହିବ। ସେହିଭଳି ଯଦି କୌଣସି ବିଶୃଙ୍ଖଳିତ କଏଦୀଙ୍କ ନାମରେ ଏତଲା ଦେବାକୁ ଚାହିଁଲେ ଏହି ବ୍ୟବସ୍ଥା ମାଧ୍ୟମରେ ଜେଲର ତାହା କରିପାରିବେ।

### କର୍ତ୍ତବ୍ୟରେ ଅବହେଳା କରିପାରିବେ ନାହିଁ ଜେଲ୍ କର୍ମଚାରୀ

ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହେଲେ ଜେଲ କର୍ମଚାରୀଙ୍କୁ ଡ୍ୟୁଟିରେ ଠକିବା ସମ୍ଭବପର ହେବ ନାହିଁ। ଏହି ମେସିନ ବା ଆପ ଦ୍ୱାରା ଜଣେ କର୍ମଚାରୀ ଡ୍ୟୁଟିରେ ନିୟୋଜିତ ଅଛନ୍ତି କିମ୍ବା ନାହିଁ ସେସମ୍ପର୍କିତ ସୂଚନା ମିଳିପାରିବ। ଯଦି କର୍ମଚାରୀ ଜଣକ ଡ୍ୟୁଟିରେ ନଥିବେ ତେବେ ଆପ ଜରିଆରେ ସାଇରନ ବାଜିବା ଭଳି ବ୍ୟବସ୍ଥା ରହିଛି।

### କଏଦୀ ଓ ଜେଲ୍ କର୍ମଚାରୀଙ୍କ ପାଇଁ ଲାଗୁ ହେବ ବାୟୋମେଟ୍ରିକ୍ ବ୍ୟବସ୍ଥା

ବ୍ରହ୍ମପୁର ଜେଲରେ ଦଣ୍ଡ ଭୋଗୁଥିବା କଏଦୀଙ୍କ ପାଇଁ ଏଣିକି ବାୟୋମେଟ୍ରିକ୍ସ ବ୍ୟବସ୍ଥା ଲାଗୁ କରାଯିବ। କଏଦୀଙ୍କୁ ନିଜ ୱାର୍ଡରୁ ବାହାରି ବିଚାରଣା ପାଇଁ କୋର୍ଟକୁ ଯିବାକୁ ପଡ଼ିଥାଏ। କୋର୍ଟ କାର୍ଯ୍ୟ ଶେଷ ହେବାପରେ ପୁଣି ଜେଲର ନିଜ ୱାର୍ଡକୁ ଫେରିଥାନ୍ତି। କଏଦୀଙ୍କୁ ନିଜ ୱାର୍ଡରୁ ବାହାରିବା ଓ ପୁଣି ଫେରିବା ସମୟରେ ସେମାନଙ୍କୁ ବାୟୋମେଟ୍ରିକ୍ ଜରିଆରେ ନିଜର ଫିଙ୍ଗର ପ୍ରିଣ୍ଟ ଦେବାକୁ ହେବ। ବିନା ଫିଙ୍ଗର ପ୍ରିଣ୍ଟରେ ସମ୍ପୃକ୍ତ ୱାର୍ଡ ଖୋଲିବ ନାହିଁ। ସବୁଠାରୁ ବଡ଼କଥା ହେଲା ଏହାଦ୍ୱାରା ଜଣେ କଏଦୀ ଗୋଟିଏ ୱାର୍ଡରୁ ଅନ୍ୟ ୱାର୍ଡକୁ ଯିବା ଅସମ୍ଭବ ହେବ। ଏହାଦ୍ୱାରା କଏଦୀଙ୍କ ମଧ୍ୟରେ ଗଣ୍ଡୋଗୋଳ ଆଶଙ୍କାକୁ ଏଡାଇ ଦିଆଯାଇପାରିବ। ଏହି ସମସ୍ତ ବ୍ୟବସ୍ଥା ଖୁବଶୀଘ୍ର ବ୍ରହ୍ମପୁର ମଣ୍ଡଳ କାରାଗାରରେ କାର୍ଯ୍ୟକାରୀ ହେବାକୁ ଯାଉଛି ବୋଲି ସୂଚନା ଦେଇଛନ୍ତି ଜେଲର ସତ୍ୟ ନାରାୟଣ ବେହେରା।

# ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର: ବିଧାୟକ କେ. ଅନୀଲ କୁମାରଙ୍କୁ ସମ୍ବର୍ଦ୍ଧନା



**ବ୍ରହ୍ମପୁର, ୧୬।୬(ସମିସ)**

ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ନୀଳକଣ୍ଠ ନଗର ପରିସରରେ ବ୍ରହ୍ମପୁରର ନବନିର୍ବାଚିତ ବିଧାୟକ କେ. ଅନୀଲ କୁମାରଙ୍କୁ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଭବ୍ୟ କାର୍ଯ୍ୟକ୍ରମର ପ୍ରାରମ୍ଭରେ ଅଧ୍ୟକ୍ଷ ଏସ୍. ମୋହନ ରାଓ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ପରିଚାଳନା ସମିତିର ସମ୍ପାଦକ ନାରାୟଣ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ତତ୍ ସଙ୍ଗେ ସଙ୍ଗେ ଶୈକ୍ଷିକ ପ୍ରଶାସକ ଉମାଧବ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ବ୍ରହ୍ମପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ନବନିର୍ବାଚିତ ବିଧାୟକଙ୍କୁ ତାଙ୍କର ବିପୁଳ ବିଜୟକୁ ସମ୍ମାନ ଜଣାଇ ବେଦମନ୍ତ୍ର ଉଚ୍ଚାରଣ ପୂର୍ବକ ପରିଚାଳନା ସମିତି ତରଫରୁ ପୁଷ୍ପଗୁଚ୍ଛ ଓ ଉପଢ଼ୌକ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯକ୍ରମରେ ସ୍ଥାନୀୟ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

ସେମାନଙ୍କ ମଧ୍ୟରୁ ସମାଜସେବୀ ଆଇନଜୀବୀ ଅଶୋକ ଶୁକ୍ଳା, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିଚାଳନା ସମିତିର ସଭାପତି ଡ. ଜୀବାନନ୍ଦ ତ୍ରିପାଠୀ, ଯୁଗ୍ମସମ୍ପାଦକ ନୀଳକଣ୍ଠ ସାହୁ, କୋଷାଧ୍ୟକ୍ଷ ସୋମନାଥ ନନ୍ଦ, ସଦସ୍ୟା ପ୍ରଣତି ସାମଲ, ଡିଗ୍ରୀ ବିଦ୍ୟାମନ୍ଦିରର ଅଧ୍ୟକ୍ଷ ସୁବ୍ରତ କୁମାର ପାଣିଗ୍ରାହୀ, ଶିଶୁ ମନ୍ଦିରର ପ୍ରଧାନାଚାର୍ଯ୍ୟ ସୁରେଶ କୁମାର ଆଚାର୍ଯ୍ୟ, ଉପଦେଷ୍ଟା ହରିକୃଷ୍ଣ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ନିମନ୍ତ୍ରିତ ଅତିଥିମାନଙ୍କ ମଧ୍ୟରେ କେ. ଭେଙ୍କଟ୍ ରାଓ ଓ ପ୍ରଶାନ୍ତ ସାହୁ ଉପସ୍ଥିତ ରହି କାର୍ଯ୍ୟକ୍ରମଟିକୁ ସାଫଲ୍ୟମଣ୍ଡନ କରିଥିଲେ।

## ସାନକୁଶସ୍ଥଳୀରେ କଳାକନା ବୁଲାଇଲେ ଲୁଟେରା ଗ୍ୟାଙ୍ଗ୍

**ବ୍ରହ୍ମପୁର, ୧୬।୬(ସମିସ):** ଗୋପାଳପୁର ଥାନା ଅନ୍ତର୍ଗତ ସାନକୁଶସ୍ଥଳୀ ଗ୍ରାମର ଏକ ଘରେ କଳାକନା ବୁଲାଇ ସୁନା ଗହଣା ଓ ନଗଦ ଟଙ୍କା ଚୋରି କରିନେଇଛନ୍ତି ଲୁଟେରା ଗ୍ୟାଙ୍ଗ। ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ ଯେ, ସାନକୁଶସ୍ଥଳୀ ନିବାସୀ ଅମର ସେଠୀଙ୍କ ପରିବାର ଲୋକେ ଶୋଇଥିବା ବେଳେ କିଛି ଦୁର୍ବୃତ୍ତ ଘରେ ପଶି ଆଲମୀରା କାଟି ସେଥିରେ ଥିବା ସାଢ଼େ ଦୁଇ ଭରି ଓଜନର ସୁନା ଅଳଙ୍କାର ଓ ନଗଦ ୧୦ହଜାର ଟଙ୍କା ଚୋରି କରିନେଇଛନ୍ତି। ସେହିପରି ଉକ୍ତ ଗ୍ରାମର ଶ୍ୟାମ ସୁନ୍ଦର ବେହେରାଙ୍କ ପତ୍ନୀ ଚନ୍ଦ୍ରମା ବେହେରା ଶୋଇଥିବା ବେଳେ ଦୁର୍ବୃତ୍ତମାନେ ଦୁଇ ଭରୀ ଓଜନର ଚେନକୁ ତାଙ୍କ ବେକରୁ କାଢି ନେବା ବେଳେ ଚନ୍ଦ୍ରମା ଚିତ୍କାର କରିବାରୁ ଦୁର୍ବୃତ୍ତମାନେ ଦୌଡ଼ି ପଳାଇଥିଲେ। ପରେ ଦୁର୍ବୃତ୍ତମାନେ ଗ୍ରୀଲ ଭାଙ୍ଗି ଘରେ ପଶି ଏଭଳି କାଣ୍ଡ ଭିଆଇଥିବା ଚନ୍ଦ୍ରମା ଜାଣିପାରିଥିଲେ। ଘଟଣାକୁ ନେଇ ଗୋପାଳପୁର ଥାନାରେ ଅଭିଯୋଗ ହେବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବା ଜଣାପଡ଼ିଛି।

● ଗଞ୍ଜାମରେ ବଢୁଛି ଡେଙ୍ଗୁ ରୋଗୀଙ୍କ ସଂଖ୍ୟା

## ୨ ଗୁରୁତର ରୋଗୀ ଏମ୍‌କେସିଜି ଆଇସିୟୁ ଓ ୱାର୍ଡରେ ଭର୍ତ୍ତି

**ବ୍ରହ୍ମପୁର, ୧୬।୬(ସମିସ):** ଗଞ୍ଜାମ ଜିଲ୍ଲାରେ ଦିନକୁ ଦିନ ବଢ଼ିବାରେ ଲାଗିଛି ଡେଙ୍ଗୁରୋଗୀଙ୍କ ସଂଖ୍ୟା। ଚିହ୍ନଟ ରୋଗୀଙ୍କ ମଧ୍ୟରୁ ୨ଜଣ ରୋଗୀ ଗୁରୁତର ଅବସ୍ଥାରେ ଏମକେସିଜି ମେଡ଼ିକାଲରେ ଭର୍ତ୍ତି ହୋଇଛନ୍ତି। ସେଥି ମଧ୍ୟରୁ ଜଣେ ସେଣ୍ଟ୍ରାଲ ଆଇସିୟୁରେ ଚିକିତ୍ସିତ ହେଉଥିବା ବେଳେ ଅନ୍ୟଜଣେ ମେଡିସିନ ୱାର୍ଡରେ ଚିକିତ୍ସିତ ହେଉଛନ୍ତି। ଉଭୟ ରୋଗୀ ରାଜ୍ୟବାହାରେ କାମ କରୁଥିବାବେଳେ ଜ୍ୱରରେ ପିଡିତ ହୋଇ ଘରକୁ ଫେରିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ, ଶନିବାର ଗଞ୍ଜାମ ଜିଲ୍ଲା ପାତ୍ରପୁର ବ୍ଲକର ଜଣେ ୨୬ବର୍ଷୀୟ ଯୁବକ ଏମକେସିଜି ଭେଷଜ(ମେଡିସିନ) ବିଭାଗରେ ଭର୍ତ୍ତି ହୋଇଛନ୍ତି। ସେ ଡେଙ୍ଗୁ ଜ୍ୱରରେ ପିଡିତ ଥିବାରୁ ତାଙ୍କ ଶରୀରରେ ପ୍ଲେଟଲେଟ୍ ସଂଖ୍ୟା ଦ୍ରୁତଗତିରେ ହ୍ରାସ ପାଇଛି। ସେ ଆନ୍ଧ୍ରପ୍ରଦେଶରେ କାମ କରୁଥିଲେ। ୫ଦିନ ପୂର୍ବେ ସେଠାରେ ଜ୍ୱରରେ ପିଡିତ ହୋଇ ସ୍ଥାନୀୟ ଏକ ଡାକ୍ତରଖାନାରେ ପ୍ରଥମେ ଚିକିତ୍ସିତ ହୋଇଥିଲେ। ଜ୍ୱର ଭଲ ନହେବାରୁ ସେ ନିଜ ଗ୍ରାମକୁ ଆସିବା ସହ ଏମକେସିଜି ମେଡ଼ିକାଲରେ ଚିକିତ୍ସା ନିମନ୍ତେ ଭର୍ତ୍ତି ହୋଇଥିଲେ। ସେହିପରି ଗଞ୍ଜାମର ଆଉ ଜଣେ ୨୪ବର୍ଷୀୟ ଯୁବକ ବାଙ୍ଗାଲୁରୁରେ କାମ କରୁଥିବା ବେଳେ ଆଜକୁ ୭ଦିନ ପୂର୍ବେ ଜ୍ୱରରେ ପିଡିତ ଥିଲେ। ସେଠାରୁ ସେ ନିଜ ଗ୍ରାମକୁ ଫେରି ଚିକିତ୍ସା ପାଇଁ ଏମକେସିଜି ମେଡିକାଲକୁ ଆସିଥିଲେ। ତାଙ୍କୁ ପ୍ରଥମେ ଏମକେସିଜିର ଭେଷଜ ବିଭାଗରେ ରଖି ଚିକିତ୍ସା କରାଯାଇଥିଲା। ସେଠାରେ ତାଙ୍କର ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ସେଣ୍ଟ୍ରାଲ ଆଇସିୟୁକୁ ସ୍ଥାନାନ୍ତର କରାଯାଇଛି। ଆଗକୁ ବର୍ଷାଦିନ ଥିବା ବେଳେ ପାଣି ଜମି ରହିବା ସହ ଡେଙ୍ଗୁ ରୋଗ ବୃଦ୍ଧି ହେବା ଆଶଙ୍କା ବୃଦ୍ଧି ପାଇଛି।

# ପଡ଼ୋଶୀ ରାଜ୍ୟରୁ ଆସୁଥିବା ବିହନର ତଥ୍ୟ ହେବ ସଂଗ୍ରହ

**ବ୍ରହ୍ମପୁର, ୧୬।୬(ସମିସ)**



(ଫାଇଲ୍ ଫଟୋ)

● ଖରିଫ୍‌ରେ ଅଧିକ ଧାନ ଅମଳ ଲକ୍ଷ୍ୟ
● ବର୍ଷା ହେଲେ ତ୍ୱରାନ୍ୱିତ ହେବ ଚାଷ କାର୍ଯ୍ୟ
● ଚାଷୀଙ୍କ ଇଚ୍ଛା ମୁତାବକ ବିହନ ଗଚ୍ଛିତ ରଖିବାକୁ ଦାବି

ବିଗତବର୍ଷ ମାନଙ୍କଭଳି ଚଳିତବର୍ଷ ମଧ୍ୟ ଗଞ୍ଜାମ ଜିଲ୍ଲାରେ ଧାନ ଚାଷ ଉନ୍ନତମାନର ହେବ ବୋଲି ଆଶା କରାଯାଉଛି। ଖରିଫ୍‌ରେ ଆଶାଠାରୁ ଅଧିକ ଧାନ ଅମଳ ପାଇଁ କୃଷି ବିଭାଗ ଲକ୍ଷ୍ୟ ରଖିଛି। ଏଣେ ଜିଲ୍ଲାରେ ବର୍ଷାର ଦେଖା ନଥିବା ବେଳେ ଚାଷୀ ମୌସୁମୀର ଆସିବା ବାଟକୁ ଚାହିଁ ବସିଛି। ଏହିକ୍ରମରେ ଚାଷୀଙ୍କ ତଳିଘରା ପ୍ରସ୍ତୁତ ରହିଛି। ବର୍ଷା ପଡ଼ିବା କ୍ଷଣି ବିହନ ବୁଣା କାର୍ଯ୍ୟ ଆରମ୍ଭ ହେବ। ଏହି କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବା ଲାଗି କୃଷି ବିଭାଗ ପକ୍ଷରୁ ମଧ୍ୟ ପ୍ରସ୍ତୁତି ଆରମ୍ଭ ହୋଇଛି। ପ୍ରାଥମିକ ସମବାୟ ସମିତି ଓ ଏଜେଣ୍ଟଙ୍କ ଜରିଆରେ ଏଠାରେ ଧାନ ବିହନ ବଣ୍ଟନ କାର୍ଯ୍ୟକୁ ଅଧିକା ତ୍ୱରାନ୍ୱିତ କରିଯିବାକୁ ଲକ୍ଷ୍ୟ ରଖାଯାଇଛି। ଅନ୍ୟପକ୍ଷରେ ବହୁ ଚାଷୀ ଅନ୍ୟ ରାଜ୍ୟରୁ ବିହନ ଆଣୁଥିବାର ନଜିର ମଧ୍ୟ ରହିଛି। ଏହାକୁ ଦୃଷ୍ଟିରେ ରଖି ବାହାରୁ ଆସୁଥିବା ବିହନର ତଥ୍ୟ ସଂଗ୍ରହ କରିବାକୁ କୃଷି ବିଭାଗର ସମସ୍ତ କ୍ଷେତ୍ରସ୍ତରୀୟ ଅଧିକାରୀଙ୍କୁ କୁହାଯାଇଛି। ଗତବର୍ଷ ମଧ୍ୟ କୃଷି ବିଭାଗ ତଥ୍ୟ ସଂଗ୍ରହ କରିଥିବା ବେଳେ ଚଳିଥର ମଧ୍ୟ ଏହି କାର୍ଯ୍ୟ ଅବ୍ୟାହତ ରହିବ ବୋଲି ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାଯାଇଛି। ଗଞ୍ଜାମ ଜିଲ୍ଲାରେ ପୂଜା, ମଶୁରୀ, ସ୍ୱର୍ଣ୍ଣ ଶାଗୁଆ, ଏମ୍-ଟୁ ୧୦୦୧, ଏମ୍-ଟୁ ୧୦୧୪, ଏମ୍-ଟୁ ୧୦୬୪ ଆଦି କିସମ ଧାନର ଅଧିକ ଚାହିଦା ରହିଛି। ସେହିଭଳି ପୋଡ଼ଶୀ ଆନ୍ଧ୍ର ପ୍ରଦେଶ ଓ ଅନ୍ୟାନ୍ୟ ଅଞ୍ଚଳର 'ସ୍ୱର୍ଣ୍ଣପ୍ଲସ୍' ସମେତ ଭିନ୍ନ ଭିନ୍ନ କିସମର ଧାନ ବିହନ ଜିଲ୍ଲାକୁ ଆସୁଛି। ଏଗୁଡ଼ିକର ସମ୍ପୂର୍ଣ୍ଣ ତଥ୍ୟ ସଂଗ୍ରହ କରିବାକୁ ବିଭାଗ ଉଦ୍ୟମ କରୁଛି। ପ୍ରାୟ ୧୦ହଜାର କ୍ୱିଣ୍ଟାଲ୍ ଧାନ ବିହନ ଅନ୍ୟ ଅଞ୍ଚଳରୁ ଏଠାକୁ ଆସୁଥିବା ବିଗତ ବର୍ଷର ତଥ୍ୟରୁ କୃଷି ବିଭାଗ ଜାଣିବାକୁ ପାଇଛି। ଚଳିତବର୍ଷ ଏହାର ପରିମାଣ କେତେ ରହିବ ସେନେଇ ତର୍ଜମା ଆରମ୍ଭ ହୋଇଛି। ଚଳିତବର୍ଷ ବିହନ ବଣ୍ଟନ ନେଇ ଧାର୍ଯ୍ୟ କରାଯାଇଥିବା ଲକ୍ଷ୍ୟ ପୂରଣ କରିବା ପାଇଁ ମଧ୍ୟ ତତ୍ପରତା ପ୍ରକାଶ ପାଇଛି। ବର୍ଷା ପଡ଼ିବା ପରେ ଧାନ ବିହନ ବିକ୍ରି ଅଧିକା ହେବ ବୋଲି ଆଶା କରାଯାଇଛି। ବର୍ଷାର ସନ୍ଧାନରେ ଚାଷୀ ରହିଥିବା ବେଳେ ବିହନର ଅଭାବକୁ ଏଡ଼ାଇବାକୁ କୃଷି ବିଭାଗ ଆଗୁଆ ସତର୍କ ରହିଛି। ସେହିଭଳି ଜିଲ୍ଲାର ବହୁ ଚାଷୀ ସେମାନଙ୍କ ଧାନ ଅମଳ ସମୟରେ ହିଁ ଅଲଗା ଭାବରେ ବିହନ ନିଜ ପାଖରେ ଗଚ୍ଛିତ ରଖିଛନ୍ତି। ବିଶେଷ କରି ନାମମାତ୍ର ଓ ଭାଗଚାଷୀମାନେ ଏଭଳି ବନ୍ଦୋବସ୍ତ କରିଥିବା ଲକ୍ଷ୍ୟ କରାଯାଇଛି।

ଅନ୍ୟପକ୍ଷରେ ଚାଷୀଙ୍କ ଇଚ୍ଛା ମୁତାବକ ପର୍ଯ୍ୟାପ୍ତ ପରିମାଣରେ ଧାନ ବିହନ ଗଚ୍ଛିତ ରଖିବାକୁ ଜିଲ୍ଲାର ଅଗ୍ରଣୀ ଚାଷୀ ସଂଗଠନମାନେ ଦାବି କରିଛନ୍ତି। ବିଶୁଦ୍ଧ ଧାନ ବିହନ ସୋସାଇଟି ଜରିଆରେ ଦେବା ସହିତ ଜୈବିକ ଉପାୟରେ ବିହନ ବିଶୋଧନ କରି ବଣ୍ଟନ କରିବାକୁ ଋଷିକୂଲ୍ୟା ରୟତ ମହାସଭା ପକ୍ଷରୁ ଦାବି ହୋଇଛି। ସେହିଭଳି ବର୍ଷା ପୂର୍ବରୁ ସମସ୍ତ ଉଠା ଜଳସେଚନ ପ୍ରକଳ୍ପ ଗୁଡ଼ିକ କାର୍ଯ୍ୟକ୍ଷମ କରିବା, ମାଟିର ଉର୍ବରତା ଓ ଅଧିକ ଅମଳ ପାଇଁ ଜୈବିକ ଖତ ଧନିଚା ଓ ଛଣି ବିହନ ତୁରନ୍ତ ଚାଷୀଙ୍କୁ ଯୋଗାଇ ଦେବା, ପ୍ରତି ପଞ୍ଚାୟତରେ ବିହନ ପାଣ୍ଠି ସୃଷ୍ଟି କରିବା, ଏହି ଦାୟିତ୍ୱ ମହିଳା ଗ୍ରୁପ୍ ହାତରେ ନ୍ୟସ୍ତ କରିବା, ଗ୍ରାମ ସେବକମାନେ ପଞ୍ଚାୟତରେ ରହି ଚାଷୀଙ୍କୁ ଉପଯୁକ୍ତ ପରାମର୍ଶ ଦେବା, କୃଷିର ବିକାଶ ନିମନ୍ତେ ପଞ୍ଚାୟତସ୍ତରରେ ଚାଷୀ ପ୍ରତିନିଧିଙ୍କୁ ନେଇ ଯୋଜନା କରି କାର୍ଯ୍ୟକାରୀ କରିବା, ଦୋ ଫସଲି ଚାଷ ପାଇଁ ଋଷିକୂଲ୍ୟା ନଦୀକୁ ଚିରସ୍ରୋତା କରିବା, ଜିଲ୍ଲାରେ ଉତ୍ପାଦିତ ଫସଲର ବ୍ୟବସାୟ ନିମନ୍ତେ ସୁବିଧା କରିବା, ପଞ୍ଚାୟତସ୍ତରରେ ସିଙ୍ଗଲ୍ ୱିଣ୍ଡୋ ସିଷ୍ଟମ୍ କରି ବ୍ୟବସାୟର ସୁବିଧା କରାଯିବାକୁ ଅଗ୍ରଣୀ ଚାଷୀ ସଂଗଠନ ଋଷିକୂଲ୍ୟା ରୟତ ମହାସଭା ଦାବି ହୋଇଛି। ସୂଚନା ପ୍ରକାରେ ଚଳିତ ଖରିଫରେ ଜିଲ୍ଲାରେ ୪ଲକ୍ଷ ୫ହଜାର ୭୫୦ହେକ୍ଟର ଜମିରେ ଧାନ ସମେତ ଅନ୍ୟାନ୍ୟ ଚାଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହିକ୍ରମରେ ଜିଲ୍ଲାରେ ଥିବା ୨ଲକ୍ଷ ୯୬ହଜାର ଜଳସେଚିତ ଓ ଅନ୍ୟ ଅଣଜଳସେଚିତ ଜମିରେ ମଧ୍ୟ ବର୍ଷା ପାଣି ସଂରକ୍ଷଣ କରି ଧାନ ଚାଷକୁ ଗୁରୁତ୍ୱ ଦିଆଯିବ ବୋଲି ଜଣାଯାଇଛି। ସେହିଭଳି ଜିଲ୍ଲାରେ ୪୨ହଜାର ୮୦୦ କ୍ୱିଣ୍ଟାଲ ବିହନ ବଣ୍ଟନ କରିବାକୁ ଲକ୍ଷ୍ୟ ରଖାଯାଇଛି। ତନ୍ମଧ୍ୟରୁ ୨୨ହଜାର ୫ଶହ କ୍ୱିଣ୍ଟାଲ ବିହନ ଚାଷୀ ଲୋନ ମାଧ୍ୟମରେ ନେଇ ପାରିବେ ଓ ୭ହଜାର ୫୦୦କ୍ୱିଣ୍ଟାଲ ବିହନ ଚାଷୀଙ୍କୁ ବିକ୍ରୀ କରିବାକୁ ସ୍ଥିର ହୋଇଥିବା ଜଣାଯାଇଛି। ସେହିଭଳି ଜିଲ୍ଲାର ଚାଷୀମାନେ ସଂରକ୍ଷିତ ରଖିଥିବା ବିହନ ମଧ୍ୟ ଚଳିତ ଖରିଫରେ ଚାଷ କାର୍ଯ୍ୟରେ ବିନିଯୋଗ କରିବେ ବୋଲି ଅଗ୍ରଣୀ ଚାଷୀମାନେ କହିଛନ୍ତି। ସାଧାରଣତଃ ଗଞ୍ଜାମ ଜିଲ୍ଲାରେ ବିଭିନ୍ନ କିସମର ଧାନ ଖରିଫରେ ଚାଷ କରାଯିବାର ଦେଖିବାକୁ ମିଳେ। ଏହିକ୍ରମରେ କୃଷି ବିଭାଗ ପକ୍ଷରୁ ସ୍ଥିରିକୃତ ତାଲିକା ପ୍ରକାରେ ଚଳିବର୍ଷ ଏମଟିଓ ୭୦୨୯ କିସମର ଧାନ ମଧ୍ୟ ଖରିଫ ଚାଷ କରିବାକୁ ଲକ୍ଷ୍ୟ କରାଯାଇଛି। ଏହି ଧାନଚାଷ ୧୫୦-୧୫୫ଦିନ ମଧ୍ୟରେ ହେବ ବୋଲି ଜଣାଯାଇଛି। ସେହିଭଳି ଏମଟିଓ ୧୦୬୧ ବ୍ୟବଧାନ ୧୫୦-୧୫୫, ଏମଟିଓ୧୦୬୪ ମଧ୍ୟ ସମଦିନରେ ବ୍ୟବଧାନରେ ଧାନ ହେବ ବୋଲି ଜଣାଯାଇଛି। ଅନୁରୂପ ଭାବେ ଏମଟିଓ ୧୦୭୫ ବ୍ୟବଧାନ ୧୩୫-୧୪୦, ଏସଏସ-୧ ବ୍ୟବଧନ ୧୩୫-୧୪୦, ଏମଟିଓ ୧୨୨୪ ବ୍ୟବଧାନ ୧୩୦-୧୩୫, ଏମଟିଓ ୧୨୬୨ ବ୍ୟବଧାନ ୧୫୦ଦିନ, ଏସ ସୁମଧୁରୀ ୧୩୫-୧୪୦ଦିନ, ସିଆର ଧାନ ୧୨୫-୧୩୦ଦିନ, ଆରଜିଏଲ ୨୫୩୫ ୧୫୦-୧୬୦ଦିନ, ସାରଳା ୧୫୦-୧୬୦ଦିନ, ଏମଟିଓ ୧୨୩୯ ୧୪୦-୧୪୫ଦିନ, ବିଣା ୧୧୦-୧୩୫ଦିନ, ପୂଜା ୧୫୦-୧୫୫ଦିନ ଏହାର ଚାଷ ବ୍ୟବାଧନ ବୋଲି ଜଣାଯାଇଛି। ସଠିକ ସମୟରେ ସୁବିନିଯୋଗ କରି ଚାଷୀଙ୍କୁ ଆଗୁଆ ବିହନ ପହଞ୍ଚାଇବାକୁ କୃଷି ବିଭାଗ ଲକ୍ଷ୍ୟ ରଖିଛି। ସବୁଧାନର ସୁବିନିଯୋଗ କରି ଚାଷ କାର୍ଯ୍ୟକୁ ଅଗେଇ ନେବାକୁ ପ୍ରାଧାନ୍ୟ ଦିଆଯିବ ବୋଲି ଜଣାଯାଇଛି।

ସକାଳ
THE SAKALA



# ନୂଆ ରୂପରେ ଇନ୍ଦିରା ପ୍ରିୟଦର୍ଶିନୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ



**ଜି.ଉଦୟଗିରି,୧୬ ।୬(ସମିସ):** କନ୍ଧମାଳ ଜିଲ୍ଲା ଜି. ଉଦୟଗିରିସ୍ଥିତ ଇନ୍ଦିରା ପ୍ରିୟ ଦର୍ଶୀନି ମହିଳା ଉଚ୍ଚ ମାଧ୍ୟମିକ ବଦ୍ୟାଳୟର ନବକଳେବର ହୋଇଛି । ୧୯୯୬ ମସିହାରେ ପ୍ରତିଷ୍ଠା ହୋଇଥିବା କଲେଜରେ ଏବେ ସମସ୍ତ ଭିତ୍ତିଭୂମି ସହିତ ଏକ ସୁସ୍ଥ ବାତାବରଣ, ଅନୁକୂଳ ପରିବେଶରେ ଶିକ୍ଷା ଗ୍ରହଣ କରିବେ ଛାତ୍ରୀ । ଦିନକ ପରେ କଲେଜ ଖୋଲିବାକୁ ଥିବା ବେଳେ ସମସ୍ତ ପ୍ରକାର ସ୍ୱଚ୍ଛତା କାମ ଶେଷ ହୋଇଛି ବୋଲି କହିଛନ୍ତି ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ଶିବରାମ ସାହୁ । ବିଧାୟକ ପାଣ୍ଠିରୁ ୧୬ ଲକ୍ଷ, ଜିଲ୍ଲା ପରିଷଦରୁ ୬ ଲକ୍ଷ, ୫-ଟିରୁ ୫୦ ଲକ୍ଷ, ନିଜସ୍ୱ ପାଣ୍ଠିରୁ ୨୦ ଲକ୍ଷ ଖର୍ଚ୍ଚରେ କଲେଜରେ ସ୍ମାର୍ଟ କ୍ଲାସରୁମ, ଆକର୍ଷଣୀୟ ଗେଟ ସହିତ, ପକ୍କା ଚଲା ରାସ୍ତା ସହିତ ସମସ୍ତ ପ୍ରକାର ଭିତ୍ତିଭୂମି ପ୍ରସ୍ତୁତ କରାଯାଇଛି । ଏହା ସହିତ ଏନଏସି ତରଫରୁ ୧୬ ଲକ୍ଷ ଟଙ୍କାରେ ସ୍ମାର୍ଟ ଶୌଚାଳୟ ନିର୍ମିତ ହୋଇଛି । ଏକ ସୁସ୍ଥ ବାତାବରଣ ରେ ଛାତ୍ରୀ ଶିକ୍ଷା ଗ୍ରହଣ କରିବେ ବୋଲି କୁହାଯାଇଛି । ଏଥିନେଇ ଅଧ୍ୟାପକ ଖୁସି ବ୍ୟକ୍ତ କରିଛନ୍ତି । ନବ କଳେବର ରୂପ ଦେଖିଲେ ବେଶ ଖୁସି ଲାଗୁଛି ବୋଲି କଲେଜର ପ୍ରତିଷ୍ଠାତା ସଭ୍ୟ ଶିଶିର ପଟ୍ଟନାୟକ କହିଛନ୍ତି ।

# ବିଜେଡି ନେତା ଦିଲୀପ ପଟ୍ଟନାୟକଙ୍କ ପରଲୋକ



**ବ୍ରହ୍ମପୁର,୧୬ ।୬(ସମିସ):** ଗୋଦାବରୀଶ ନଗର ସାହି ବାସିନ୍ଦା ତଥା ବିଜେଡିର ବରିଷ୍ଠ ନେତା ପୂର୍ବତନ କାଉନସିଲର ଦିଲୀପ ପଟ୍ଟନାୟକଙ୍କ ପରଲୋକ ହୋଇଯାଇଛି । ଗତକାଲି ରାତିରେ ତାଙ୍କ ଦେହ ଅସୁସ୍ଥ ହେବାରୁ ପରିବାର ବର୍ଗ ଏମକେସିଜି ନେଇଥିଲେ । ଏଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତାଙ୍କର ଗୋଟିଏ ପୁଅ, ଗୋଟିଏ ଝିଅ ଅଛନ୍ତି । ମୃତ୍ୟୁ ପରେ ଗେଟ୍ ବଜାର ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି । ବ୍ରହ୍ମପୁର ବିଧାୟକ କେ ଅନୀଲ କୁମାର, ପୂର୍ବତନ ବିଧାୟକ ଡ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ମେୟର ସଂଘମିତ୍ରା ଦଲେଇ, ସୁବାଷ ଚନ୍ଦ୍ର ମହାରଣା, ଭିମସେନ ଦଲେଇ, ଅନୀଲ ସାହୁ, ବିଜୟ ଚନ୍ଦ୍ର ସାମଲ, ଭିଷ୍ମାଚାର୍ଯ୍ୟ ଚୌଧୁରୀ, ସୁରେଶ ଚନ୍ଦ୍ର ତ୍ରିପାଠୀ, ପ୍ରଣୟ ପଟ୍ଟନାୟକ, ସୁରେନ୍ଦ୍ର ମହାରଣା, ସୁନୀତା ପଟ୍ଟନାୟକ, ଧବଳ ବେହେରା, ପି ଭିମଡୁ, ସିମାଞ୍ଚଳ ପଟ୍ଟନାୟକ, ମନୋଜ ମହାପାତ୍ର, ଟି ଗୋପି, ମୁକୁନ୍ଦ ଗୌଡ଼, ସୂର୍ଯ୍ୟ ପଟ୍ଟନାୟକ, ରାମ ତନ୍ତିଙ୍କ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

**ଫୁଲବାଣୀ ପୌରାଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସଙ୍ଗ**

# ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଅପେକ୍ଷା

**ଫୁଲବାଣୀ,୧୬।୬(ସମିସ):** ଓଡ଼ିଶାରେ ରାଜନୈତିକ ପାଣିପାଗ ବଦଳିଯାଇଛି । ଏଭଳି ସ୍ଥିତିରେ ଫୁଲବାଣୀ ବିଜେପି ପୌରାଧ୍ୟକ୍ଷା ସ୍ମିତାରାଣୀ ମହାନ୍ତିଙ୍କ ବିରୋଧରେ ଅଣାଯାଇଥିବା ଅନାସ୍ଥା ପ୍ରସ୍ତାବର ଭାଗ୍ୟ କ'ଣ ହେବ ତାକୁ ନେଇ କଳ୍ପନାଜଳ୍ପନା ଆରମ୍ଭ ହୋଇଛି । ଅନାସ୍ଥା ପ୍ରସ୍ତାବ ଉପରେ ଭୋଟିଂ ଗତ ଏପ୍ରିଲ୍ ମାସ ୨୩ରେ ହେବାକୁ ଥିଲା । ଏହା ଉପରେ ହାଇକୋର୍ଟ ଗତ ମେ ୧୫ ଯାଏ ରହିତାଦେଶ ଜାରି କରିଥିଲେ । ମେ ୧୫ରେ ରହିତାଦେଶ ସମୟସୀମା ଶେଷ ହୋଇଯିବା ପରେ ଏହାର ପରବର୍ତ୍ତୀ ଶୁଣାଣି ଜୁନ୍ ମାସ ୧୮ ତାରିଖରେ ହେବ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ । ଏହାକୁ ନେଇ ଏବେ ଉଭୟ ବିଜେଡି କାଉନସିଲର ଓ ପୌରାଧ୍ୟକ୍ଷାଙ୍କ ମଧ୍ୟରେ ଛକାପଞ୍ଝା ଆରମ୍ଭ ହୋଇଛି । ଉଭୟ ପକ୍ଷ ଜୁନ୍ ୧୮ ତାରିଖର ହାଇକୋର୍ଟଙ୍କ ଶୁଣାଣିକୁ ଅପେକ୍ଷା କରିଛନ୍ତି । ଗତ ଏପ୍ରିଲ ମାସ ୨ ତାରିଖରେ ଆୟୋଜିତ ପୌର ପରିଷଦ ବୈଠକରେ ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବା ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା । ଫୁଲବାଣୀ ପୌର ପରିଷଦର ମୋଟ ୧୩ ଜଣ କାଉନସିଲରଙ୍କ ମଧ୍ୟରୁ ୧୧ ଜଣ ଅନାସ୍ଥା ପ୍ରସ୍ତାବ ସପକ୍ଷରେ ଜିଲ୍ଲାପାଳଙ୍କୁ ଚିଠି ଲେଖିଥିଲେ । ଜିଲ୍ଲାପାଳ ଅନାସ୍ଥା ପ୍ରସ୍ତାବ ନିମନ୍ତେ ଏପ୍ରିଲ ୨୩ରେ ଭୋଟିଂ କରିବାକୁ ଦିନ ଧାର୍ଯ୍ୟ କରିଥିଲେ । ମାତ୍ର, ଏହା ବିରୋଧରେ ପୌରାଧ୍ୟକ୍ଷା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଅନାସ୍ଥା ଭୋଟିଂ ନୋଟିସ୍ ପ୍ରଦାନ କରାଯାଇଥିବା ବେଳେ ଅଧ୍ୟକ୍ଷାଙ୍କୁ ପ୍ରଦାନ କରାଯାଇ ନଥିବାରୁ ଏହା ବିରୋଧରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ପୌରାଧ୍ୟକ୍ଷାଙ୍କ କାର୍ଯ୍ୟକଳାପ ଓ ଅନିୟମିତତା ଆଦି ପ୍ରସଙ୍ଗକୁ ଭିତ୍ତି କରି ଏହି ଅନାସ୍ଥା ପ୍ରସ୍ତାବ ଅଣାଯାଇଛି । ଫୁଲବାଣୀ ପୌରପାଳିକାର ମୋଟ ୧୩ ୱାର୍ଡ ମଧ୍ୟରୁ ୭ଟିରେ ବିଜେଡି ବିଜୟୀ ହୋଇଥିବା ବେଳେ ୪ଟିରେ ବିଜେପି ଓ ୨ଟିରେ ସ୍ୱାଧୀନ ପ୍ରାର୍ଥୀ ବିଜୟୀ ହୋଇଥିଲେ । ବିଜେଡିର ସମସ୍ତ ୭ କାଉନ୍ସିଲରଙ୍କ ସମେତ ୨ ସ୍ୱାଧୀନ ଓ ୨ ବିଜେପି କାଉନସିଲର ସମେତ୧୧ ଜଣ ଅନାସ୍ଥା ପ୍ରସ୍ତାବରେ ସ୍ୱାକ୍ଷର କରିଥିଲେ ।

**■ ଚିନ୍ତା ବଢ଼ାଉଛି ଫେକ୍ ଫୋନ୍ କଲ୍**

# ଠକେଇର ଶିକାର ହେଲେଣି ଅନେକ

**ପୁଲିସ ନାଁ ନେଇ ସାଇବର ଠକଙ୍କ ଠକେଇ, ଅଳ୍ପକେ ବର୍ତ୍ତିଲେ 'ଲକ୍ଷ୍ମୀ'**

**ପ୍ରି ଆକ୍ଟିଭ ସିମ୍ ଯୋଗୁଁ ବଢ଼ିବାରେ ଲାଗିଛି ଅପରାଧ**

**ବ୍ରହ୍ମପୁର,୧୬ ।୬(ସମିସ):** ପ୍ରି ଆକ୍ଟିଭ ସିମ୍‌ର ବହୁଳ ବ୍ୟବହାର ଯୋଗୁଁ ବହୁ ଲୋକ ଠକେଇର ଶିକାର ହେଉଥିବା ବେଳେ ଅନ୍ୟପକ୍ଷରେ କିଛି ଅସାମାଜିକ ବ୍ୟକ୍ତିମାନେ ପ୍ରତିଷ୍ଠିତ ବ୍ୟବସାୟୀ, ନେତା ଓ ଜେଲ ଫେରନ୍ତାଙ୍କୁ ଧମକ ଚମକ ଦେଉଥିବା ଅଭିଯୋଗ ହେଉଛି । ଏପରିକି ଅସାମାଜିକ ବ୍ୟକ୍ତିମାନେ ବିଭିନ୍ନ ଫେକ ଆଇଡି ଖୋଲି ଲୋକଙ୍କୁ ଧମକ ଦେବା ସହିତ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରୁଥିବା ନଜିର ରହିଛି । ଏପରିକି ଅସାମାଜିକ ବ୍ୟକ୍ତିମାନେ ପୁଲିସକୁ ଫୋନ କରି ମିଛ ସୂଚନା ଦେବାକୁ ମଧ୍ୟ ପଛାଉନାହାନ୍ତି । କିଏ ଫୋନ କରି କେଉଁଠି ଡକାୟତି ଯୋଜନା ଚାଲିଥିବା ଭଳି ସୂଚନା ଦେଉଛି ତ ଆଉ କିଏ ନିଜର ମିଥ୍ୟା ପରିଚୟ ଦେଇ ଅପହରଣର ନାଟକ କରୁଛନ୍ତି । କବରକୁ ଗୁରୁତ୍ୱ ଦେଇ ଘଟଣାସ୍ଥଳକୁ ଯାଇ ପୁଲିସକୁ ନିରାଶ ହୋଇ ଫେରିବାକୁ ପଡୁଛି । ଏଭଳି କିଛି ଫେକ ବା ମିଥ୍ୟା ଫୋନ କଲ ଏବେ ପୁଲିସର ମୁଣ୍ଡବ୍ୟଥାର କାରଣ ସାଜିଥିବା ଦେଖିବାକୁ ମିଳିଛି । ଏଭଳି ପରିସ୍ଥିତି ପୁଲିସ କେଉଁଟା ସତ ଏବଂ କେଉଁଟା ମିଛ ଜାଣିବା ସମ୍ଭବପର ହେଉନଥିବା ବେଳେ ଘଟଣାସ୍ଥଳରେ ପହଁଞ୍ଚିବାରେ ମଧ୍ୟ ଅନେକ ସମୟରେ ବିଳମ୍ବ ହେଉଛି । ଗତ କିଛିଦିନ ପୁର୍ବେ ଗୋଷାଣୀନୁଆଗାଁ ଥାନା ଅଞ୍ଚଳର ଲକ୍ଷ୍ମୀନୃସିଂହ ପାତ୍ର ନାମକ ଜଣେ ବ୍ୟକ୍ତିଙ୍କୁ ସାଇବର ଥାନାରୁ ଏସଆଇ ମାନସ ରଞ୍ଜନ ଦାଶଙ୍କ ପରିଚୟ ଦେଇ ଫୋନ କଲ ଯାଇଥିଲା । ଏବଂ ନୃସିଂହଙ୍କ ନାମରେ ଅଭିଯୋଗ ରହିଥିବା ଦର୍ଶାଇ ଥାନାକୁ ଆସିବାକୁ କୁହାଯାଇଥିଲା । ଏଭଳି ଖବର ପାଇ ଲକ୍ଷ୍ମୀନୃସିଂହ ପାତ୍ରଙ୍କ ଭଣଜା ବ୍ରହ୍ମପୁର ସାଇବର ଥାନାକୁ ଯୋଗାଯୋଗ କରି ମାନସ ନାମରେ କେହି ଏସଆଇ ଅଛନ୍ତି କି ନାହିଁ ପଚାରି ବୁଝିଥିଲେ । ପରେ ତାହା ଏକ ଫେକ କଲ ଥିବା ସେ ଜାଣିବାକୁ ପାଇଥିଲେ । ଫୋନ କରି ସମ୍ପୃକ୍ତ ବ୍ୟକ୍ତି ଜଣକ ୮ ହଜାର ଟଙ୍କା ଦାବି କରିଥିବା ପୁଲିସ ତଦନ୍ତ ବେଳେ ଜଣାପଡିଛି । ଲକ୍ଷ୍ମୀନୃସିଂହ ପାତ୍ରଙ୍କ ସଠିକ ଚିନ୍ତାଧାରା ଯୋଗୁଁ ସେ ଅଳ୍ପକେ ସାଇବର ଠକେଇରୁ ଭର୍ତ୍ତିଥିବା ଜଣାପଡ଼ିଛି । ଅନ୍ୟପକ୍ଷରେ ସାଇବର୍ ଠକଙ୍କ କବଜାରେ ବ୍ରହ୍ମପୁର ପୁଲିସ ଜିଲ୍ଲା କହିଲେ ଅତ୍ୟୁକ୍ତି ହେବନାହିଁ । ନୂଆ ଓ ପୁରୁଣା ଢାଞ୍ଚାରେ ବ୍ୟାଙ୍କ ଆକାଉଣ୍ଟରୁ ଲକ୍ଷାଧିକ ଟଙ୍କା ଗାଏବ ହୋଇଯାଉଥିବା ନଜିର ରହିଛି । ପ୍ରତ୍ୟେକ ଦିନ ମୋବାଇଲକୁ ଲଟେରୀ ଉଠାଣ, ଅନ୍‌ଲାଇନ୍‌ରେ ପାର୍ଟଟାଇମ୍ ଜବ୍, କିଛି ସୁନ୍ଦରୀଙ୍କ ସହ କଥା ହେବା ପାଇଁ ମେସେଜ୍ ଏବଂ ଅନ୍‌ଲାଇନ୍ ଗେମ୍ ଖେଳିବାକୁ ମେସେଜ୍ ଆସୁଛି । ଏହି ମେସେଜକୁ ବିଶ୍ୱାସକୁ ନେଇ ଲୋକେ ସାଇବର ଠକେଇର ଶିକାର ହେଉଛନ୍ତି । ଚଳିତବର୍ଷ ପହିଲାରୁ ଏପର୍ଯ୍ୟନ୍ତ ବ୍ରହ୍ମପୁର ସାଇବର ଥାନାରେ ମୋଟ ୧୮ଟି ସାଇବର ମାମଲା ରୁଜୁ ହୋଇଥିବା ବେଳେ ସହରର ଅନ୍ୟ ଥାନାଗୁଡ଼ିକରେ ମଧ୍ୟ ବହୁ ସାଇବର ଠକେଇ ମାମଲା ରୁଜୁ ହୋଇଛି । ସାଇବର ଠକମାନେ ୧କୋଟିରୁ ଉଦ୍ଧ୍ୱର୍ ଟଙ୍କା ଠକି ନେଇଥିବା ଅଭିଯୋଗ ରହିଛି । ଲୋକଙ୍କ ସରଳତାର ସୁଯୋଗ ନେଇ ସାଇବର ଠକମାନେ ସହରରେ ଜାଲ ବିଛାଇ ସାଧାରଣ ଲୋକଙ୍କ ଠାରୁ ଆରମ୍ଭ କରି ଉଚ୍ଚ ଶିକ୍ଷିତଙ୍କୁ ଜାଲରେ ଫସାଉଛନ୍ତି । ପୁଲିସ ଲୋକଙ୍କୁ ସଚେତନ କରୁଥିଲେ ହେଁ ସାଇବର ଠକ ଗ୍ୟାଙ୍ଗ ନୂଆ ନୂଆ ତରିଆ ଆପଣାଉଥିବା ଦେଖିବାକୁ ମିଳୁଛି ।

# ବାଣିଜ୍ୟ, ଖଣି, ଇସ୍ପାତ ଓ ପରିବହନ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା



**ମା'ଙ୍କ ଆଶୀର୍ବାଦ ନେଲେ, ଆହତଙ୍କୁ ସାହାଯ୍ୟ କଲେ**



**ବ୍ରହ୍ମପୁର,୧୬ ।୬(ସମିସ):** ରାଜ୍ୟ ସରକାରଙ୍କ ବାଣିଜ୍ୟ, ଖଣି, ଇସ୍ପାତ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ନିଜ ନିର୍ବାଚନ ମଣ୍ଡଳୀ ଗୋପାଳପୁର ଆସିଛନ୍ତି । ଏହିକ୍ରମରେ ତାଙ୍କୁ ବିଭିନ୍ନ ସ୍ଥାନରେ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଛତ୍ରପୁରଠାରେ ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଓ ବହୁ ସମର୍ଥକ ମନ୍ତ୍ରୀ ଶ୍ରୀ ଜେନାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ସେହିପରି ପୋକଡ଼ିବନ୍ଧ ଛକଠାରୁ ବହୁ ନେତା ଓ କର୍ମୀ ଶ୍ରୀ ଜେନାଙ୍କୁ ବିରାଟ ଶୋଭାଯାତ୍ରାରେ ନେଇଥିଲେ । ଏହିକ୍ରମରେ ତାଙ୍କୁ ଆଙ୍କୁଲି, ଲାଞ୍ଜିପଲ୍ଲୀ ବାଇପାସ, ହଳଦିଆପଦର, ରଣ୍ଡା, ଗୋଳନ୍ଥରା ଆଦି ଛକମାନଙ୍କରେ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଶ୍ରୀ ଜେନା ଗୋଳନ୍ଥରା ସ୍ଥିତ ନିଜ ପୈତୃକ ବାସଭବନକୁ ଯାଇ ତାଙ୍କ ମା'ଙ୍କ ଆଶୀର୍ବାଦ ନେଇଥିଲେ । ପରେ ଇଶାଣେଶ୍ୱର ମନ୍ଦିରରେ ପ୍ରଭୁଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ । ତାଙ୍କୁ କର୍ମୀମାନେ ସମ୍ବର୍ଦ୍ଧନା ଦେଇ ନେବା ସମୟରେ ଜାତୀୟ ରାଜପଥରେ ଏକ ଦୁର୍ଘଟଣା ଦେଖିବାକୁ ମିଳିଥିଲା । ତତସଙ୍ଗେ ସଙ୍ଗେ ଶ୍ରୀ ଜେନା ଏଠାରେ ପହଞ୍ଚି ଆହତକୁ ଉଦ୍ଧାର କରି ମେଡ଼ିକାଲରେ ପହଞ୍ଚାଇଥିଲେ । ସମସ୍ତ କାର୍ଯ୍ୟକ୍ରମ ସରିବା ପରେ ବନ୍ଦେ ମାତାରଂ ଭବନରେଠାରେ ପହଞ୍ଚିଥିଲେ ଶ୍ରୀ ଜେନା । ଏଠାରେ ଗୋପାଳପୁର ନିର୍ବାଚନ ମଣ୍ଡଳୀର ପଞ୍ଚାୟତସ୍ତରର କର୍ମୀମାନେ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ଏହି ସମୟରେ ବ୍ରହ୍ମପୁର ବିଧାୟକ କେ ଅନୀଲ କୁମାର, ବିନୋଦ ମିଶ୍ର, ରାଜେଶ ସାହୁ, ଗଙ୍ଗାଧର ଶତପଥୀ, ପ୍ରଦୀ ପଟ୍ଟନାୟକ, ପ୍ରଭାତ କିରଣ ଷଡଙ୍ଗୀ, ସୁନିଲ କୁମାର ସାହୁ ପ୍ରମୁଖଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

# ଉପାନ୍ତ ଅଞ୍ଚଳରେ ରଜ ପର୍ବ ପାଳିତ



**ଭଞ୍ଜନଗର,୧୬ ।୬(ସମିସ):** ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ବିପଦର ବନ୍ଧୁ ଭଞ୍ଜନଗର ଶାଖା ପକ୍ଷରୁ ଜଗନ୍ନାଥ ପ୍ରସାଦ ବ୍ଲକ ଉପାନ୍ତ ଅଞ୍ଚଳ ତାଳପଙ୍କା ଗ୍ରାମରେ ରଜ ପର୍ବକୁ ଧୁମଧାମରେ ପାଳନ କରାଯାଇଛି । ଏଥିରେ ରଜ ପର୍ବର ଉଦ୍ଦେଶ୍ୟ ଓ ମହତ୍ୱକୁ ନେଇ ଗ୍ରାମବାସୀଙ୍କୁ ସଚେତନ କରାଯାଇଥିଲା । ଶେଷଦିନ ରଜ ପାଳନ ଅବସରରେ ଗ୍ରାମର ଛୋଟ ଛୋଟ ପିଲାଙ୍କୁ ନେଇ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ଆୟୋଜନର କରାଯାଇଥିଲା । ଏଥିରେ ଗ୍ରାମର ପ୍ରାୟ ୬୦ଜଣ ଛୋଟ ଶିଶୁ ଅଂଶଗ୍ରହଣ କରିଥିଲେ । ସେମାନଙ୍କ ମଧ୍ୟରେ ବିଭିନ୍ନ କୌତୁକିଆ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ କରି କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଏଥିସହ ସେମାନଙ୍କୁ ଅନୁଷ୍ଠାନ ତରଫରୁ ପାଠ୍ୟ ଉପକରଣ, ଶୁଖିଲା ଖାଦ୍ୟ ମଧ୍ୟ ପ୍ରଦାନ କରାଯାଇଥିଲା । ରଜ ପର୍ବକୁ ଅଧିକ ଆକର୍ଷଣୀୟ କରିବା ସକାଶେ ଗ୍ରାମବାସୀଙ୍କ ସହ ଏକ ବନ୍ଧୁମିଳନର କରାଯାଇଥିଲା । ଏଥିରେ ସମସ୍ତ ଗ୍ରାମବାସୀମାନେ ସହଯୋଗ କରିଥିଲେ । ବିପଦର ବନ୍ଧୁ ଅନୁଷ୍ଠାନର ଏଭଳି ପ୍ରୟାସକୁ ଗ୍ରାମବାସୀ ମାନେ ଭୁୟସୀ ପ୍ରଶଂସା କରିଥିଲେ ।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ସଲାଗୁଡ଼ା ସରପଞ୍ଚ

**ଫିରିଙ୍ଗିଆ,୧୬।୬(ସମିସ):** କନ୍ଧମାଳ ଜିଲ୍ଲାର ଦ୍ୱିତୀୟ ବୃହତ୍ତମ ବ୍ଲକର ଉପାନ୍ତ ଅଞ୍ଚଳ କୁହାଯାଉଥିବା ଗୋଛାପଡା ଓ ସଲାଗୁଡା ପଞ୍ଚାୟତର ସାମଗ୍ରୀକ ବିକାଶ ପାଇଁ ନବନିର୍ବାଚିତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ଭେଟିଛନ୍ତି ଅଞ୍ଚଳର ବିଜେପି ନେତା, ସମାଜସେବୀ ତଥା ସଲାଗୁଡ଼ା ସରପଞ୍ଚ ରୋହିତ କହଁର । ଫିରିଙ୍ଗିଆ ବ୍ଲକର ଉପାନ୍ତ ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଓ ପାନୀୟ ଜଳ ସମସ୍ୟା ଏବେବି ଅବହେଳିତ ଅବସ୍ଥାରେ ରହିଛି । ଉପାନ୍ତ ଅଞ୍ଚଳର ବିକାଶ ପାଇଁ ଶ୍ରୀ କହଁର ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ପାଖରେ ଅଞ୍ଚଳର ସମସ୍ୟା ଉପସ୍ଥାପନ କରି ସାମାଧାନ କରିବାକୁ ଅନୁରୋଧ କରିଥିବାରୁ ଅଞ୍ଚଳରେ ତାଙ୍କୁ ପ୍ରଶଂସା କରାଯାଇଛି ।

# ଆଜି ଆସିବେ ଶିକ୍ଷକ ଶିକ୍ଷୟିତ୍ରୀ, କାଲି ଖୋଲିବ ସ୍କୁଲ୍

**● ପାଟିକା ଓ ସହାୟିକାଙ୍କୁ ସ୍କୁଲକୁ ଆସିବାକୁ ନିର୍ଦ୍ଦେଶ**
**● ପିଲାଙ୍କୁ ମଧ୍ୟାହ୍ନଭୋଜନ ପ୍ରଦାନ ପାଇଁ ପ୍ରସ୍ତୁତ ମାନା ଟ୍ରଷ୍ଟ**

**ବ୍ରହ୍ମପୁର,୧୬ ।୬(ସମିସ):** ଆସନ୍ତା ୧୮ ତାରିଖରେ ଜିଲ୍ଲାର ସମସ୍ତ ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ଖୋଲିବାର କାର୍ଯ୍ୟକ୍ରମ ରହିଛି । ଏହାର ପୂର୍ବଦିନ ଅର୍ଥାତ ସୋମବାର ସମସ୍ତ ବିଦ୍ୟାଳୟରେ ଶିକ୍ଷକ ଶିକ୍ଷୟତ୍ରୀ ସମେତ କର୍ମଚାରୀଙ୍କ ଉପସ୍ଥିତ ରହିବା ନିମନ୍ତେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଜାରି ହୋଇଛି । ଯାହାକୁ ନେଇ ଗଞ୍ଜାମ ଜିଲ୍ଲା ଶିକ୍ଷାଧିକାରୀଙ୍କ ପକ୍ଷରୁ ଜିଲ୍ଲାର ସମସ୍ତ ବ୍ଲକର ଶିକ୍ଷାଧିକାରୀ ଓ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଶିକ୍ଷୟତ୍ରୀଙ୍କୁ ଚିଠି ଜରିଆରେ ଅବଗତ କରା ଯାଇଛି । ବିଭାଗର ନିର୍ଦ୍ଦେଶନାମା ଅନୁଯାୟୀ ଶ୍ରେଣୀଗୃହ, କ୍ୟାମ୍ପସ ସଫା କରାଯିବା ସହ ଅନାବନା ଗଛ କାଟି ସ୍କୁଲ ପରିସର ପରିଷ୍କାର କରିବାକୁ କୁହାଯାଇଛି । ଏହା ସହ ସ୍କୁଲରେ ମଧ୍ୟାହ୍ନ ଭୋଜନ ସହ ପାନୀୟ ଜଳର ବି ଯାଞ୍ଚ କରିବେ ପ୍ରଧାନଶିକ୍ଷକ । ସେହିପରି ସ୍କୁଲର ପାଣି ଟାଙ୍କି ସଫା କରିବା, ଶ୍ରେଣୀଗୃହର ଆସବାବପତ୍ର ସଫା କରି ଠିକ୍ ଭାବେ ସଜାଇବା ଓ ଶୌଚାଳୟକୁ ବ୍ୟବହାର ଉପଯୋଗୀ କରିବା ସହ ଛାତ୍ରୀଛାତ୍ରଙ୍କ ମଧ୍ୟାହ୍ନ ଭୋଜନ ପାଇଁ ରୋଷେଇ ଘର, ଗ୍ୟାସ୍ ଚୁଲା ପରି ଆନୁଷଙ୍ଗିକ ପ୍ରସ୍ତୁତି କରିବା, ସ୍ମାର୍ଟ ଶ୍ରେଣୀଗୃହ, ଇ-ଲାଇବ୍ରେରୀ ସହ ଇଣ୍ଟରନେଟ୍ ସଂଯୋଗ ସୁନିଶ୍ଚିତ କରିବା ପାଇଁ ନିର୍ଦ୍ଦେଶ ରହିଛି । ଏହା ସହ ଚଳିତବର୍ଷ ସ୍କୁଲ ଖୋଲିବା ଦିନଠାରୁ ଛାତ୍ରଛାତ୍ରୀମାନଙ୍କୁ ମଧ୍ୟାହ୍ନ ଭୋଜନ ଦେବାର କାର୍ଯ୍ୟକ୍ରମ ରହିଛି । ତେଣୁ ସ୍କୁଲ ଖୋଲିବାର ଗୋଟିଏ ଦିନ ପୂର୍ବରୁ ପାଚିକା ଓ ସହାୟିକାଙ୍କୁ ସ୍କୁଲକୁ ଆସିବାକୁ ନିର୍ଦ୍ଦେଶ ଦିଆଯାଇଛି । ଅନ୍ୟପକ୍ଷରେ ବ୍ରହ୍ମପୁର ସହର ସମେତ ହିଞ୍ଜିଳିକାଟୁ ଓ ଛତ୍ରପୁର ବ୍ଲକର ସମସ୍ତ ବିଦ୍ୟାଳୟରୁ ମଧ୍ୟାହ୍ନ ଭୋଜନ ଯୋଗାଉଥିବା ମାନା ଟ୍ରଷ୍ଟ ଏଥି ନିମନ୍ତେ ପ୍ରସ୍ତୁତ ଥିବା ମ୍ୟାନେଜର ସୁନିଲ ବାଲପୁରୀ କହିଛନ୍ତି । ଟ୍ରଷ୍ଟ ପକ୍ଷରୁ ବ୍ରହ୍ମପୁର ସହରର ଥିବା ପ୍ରାୟ ୬୯ଟି ବିଦ୍ୟାଳୟକୁ ଦୀର୍ଘ ବର୍ଷ ହେବ ମଧ୍ୟାହ୍ନ ଭୋଜନ ଯୋଗାଇ ଆସୁଛି । ପ୍ରତ୍ୟେକ ଦିନ ୫ରୁ ୭ହଜାର ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ପ୍ରଦାନ କରାଯାଉଛି । ସେହିପରି ଛତ୍ରପୁର ବ୍ଲକରେ ଥିବା ପ୍ରାୟ ୧୨୧ଟି ବିଦ୍ୟାଳୟର ୧୦ରୁ ୧୨ହଜାର ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ପ୍ରଦାନ କରାଯାଉଛି । ସେହିପରି ହିଞ୍ଜିଳକାଟୁ ବ୍ଲକର ମୋଟ ୮୩ଟି ସ୍କୁଲର ୧୦ରୁ ୧୨ହଜାର ଛାତ୍ରଛାତ୍ରୀଙ୍କୁ ଟ୍ରଷ୍ଟ ପକ୍ଷରୁ ମଧ୍ୟାହ୍ନ ଯୋଗାଣ କରାଯାଇଛି । ଏହା ସହ ହିଞ୍ଜିଳିକାଟୁ, ଶେରଗଡ଼, ଦିଗପହଣ୍ଡି, କବିସୂର୍ଯ୍ୟନଗର, କୁକୁଡ଼ାଖଣ୍ଡି, ପୁରୁଷୋତ୍ତମପୁର, ରଙ୍ଗେଇଲୁଣ୍ଡା, ସାନଖେମୁଣ୍ଡି, ଗଞ୍ଜାମ ଓ ଛତ୍ରପୁର ପରି ୧୦ଟି ବ୍ଲକରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ଯୋଗାଣ ହେଉଥିବା ମ୍ୟାନେଜର ଶ୍ରୀ ବାଲପୁରୀ କହିଛନ୍ତି । ଅନ୍ୟପକ୍ଷରେ ସ୍କୁଲ ଖିଲିବା ପରେ ସ୍କୁଲ ସ୍ୱଚ୍ଛତା ନେଇ ସମସ୍ତ କାର୍ଯ୍ୟ ହୋଇଛି କି ନାହିଁ ତାହା ଯାଞ୍ଚ କରିବା ପାଇଁ ରାଜ୍ୟରୁ ଏକ ଯାଞ୍ଚ ଟିମ୍ ସ୍କୁଲ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି । କିଛି ଦିନ ହେବ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ହେଉଥିବା ବେଳେ ଛୁଟି ବୃଦ୍ଧି କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି । କିନ୍ତୁ ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ କୌଣସି ସ୍ପଷ୍ଟୀକରଣ ମିଳିନାହିଁ ।



# ଚୋରି ଘଟଣାରେ ଦୁର୍ବୃତ୍ତଙ୍କ ଟେର୍ ପାଉନି ପୁଲିସ





**କାଶୀନଗର, ୧୬।୬(ସମିସ)**

ଗଜପତି ଜିଲ୍ଲା କାଶୀନଗର ଥାନା ଅଞ୍ଚଳରେ ଦୁଇ ମାସ ଭିତରେ ବଡ ଧରଣର ଚୋରି ହୋଇଥିବା ଜଣାପଡ଼ିଛି। କିନ୍ତୁ ଦୁର୍ବୃତ୍ତଙ୍କ ଟେର ପାଉନି ପୁଲିସ। ସୂଚନା ମୁତାବକ କାଶୀନଗର ଥାନା ଅନ୍ତର୍ଗତ ଭିସ୍ତଲା ଗ୍ରାମ ଓ କଣ୍ଟୁରୁ ଗ୍ରାମରେ ଏହି ଚୋରି ହୋଇଥିବା ଜଣାପଡ଼ିଛି। ଭିସ୍ତଲା ଗ୍ରାମର ବାସିନ୍ଦା ଏମ. ତାଭିଟି ନାଇଡୁ ଓ କଣ୍ଟୁରୁ ଗ୍ରାମବାସୀ ଟି. ଚିନା ବାବୁଙ୍କ ଘରେ ଲକ୍ଷାଧିକ ଟଙ୍କା ଓ ସୁନା ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଛି କାଶୀନଗର ଥାନାରେ। ଗତ ମେ ମାସ ୯ତାରିଖ ଦିନ ଏମ. ତାଭିଟି ନାଇଡୁ ଘରେ ରାତିରେ ମାଆ ସହ ଉପର ମହଲାରେ ଶୋଇଥିବା ବେଳେ ତଳ ଘରର ତାଲାକୁ ଭାଙ୍ଗି କିଛି ଦୁର୍ବୃତ୍ତ ଲକ୍ଷାଧିକ ଟଙ୍କା ଓ ସୁନା ଚୋରି କରି ଚମ୍ପଟ୍ ମାରିଥିଲେ। ନାଇଡୁଙ୍କ କହିବା ଅନୁଯାୟୀ ଆଗାମୀ ଦିନରେ ତାଙ୍କ ବାହାଘର ପ୍ରସ୍ତୁତି ପାଇଁ ଘରେ ପାଖାପାଖି ୮ ତୋଳା ସୁନା ସହ ୬ଲକ୍ଷ ଟଙ୍କା ରଖିଥିଲେ। ଦୁର୍ବୃତ୍ତ ଘରର ତାଲା ଭାଙ୍ଗି ଉକ୍ତ ଟଙ୍କା ଓ ସୁନାକୁ ଚୋରି କରିଥିଲେ। ଏନେଇ ନାଇଡୁ ଚୋରି ହେବା ପରଦିନ ହିଁ କାଶୀନଗର ଥାନାରେ ଅଭିଯୋଗ ତଥା ଏତଲା ଦେଇଥିଲେ। କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ ତଦନ୍ତ ଚାଲିଥିବା ନେଇ ପୁଲିସ କହୁଥିବା ବେଳେ ଚୋରି ହେବାର ମାସେରୁ ଅଧିକ ହୋଇଛି। କିନ୍ତୁ କୌଣସି ଚୋରି ଜିନିଷ ଫେରି ପାଇ ନ ଥିବା ଯୋଗୁ ପରବାର ଭାଙ୍ଗି ପଡ଼ିଛନ୍ତି। ସେହିପରି ଏପ୍ରିଲ ମାସ ୨୧ତାରିଖରେ କାଶୀନଗର ଥାନା ଅନ୍ତର୍ଗତ କଣ୍ଟୁରୁ ଗ୍ରାମର ଟି.ଚୀନାବାବୁଙ୍କ ଘରେ ୧୨.୫ତୁଲା ସୁନା ଚୋରି ହୋଇଥିବା ନେଇ ଅଭିଯୋଗ ହେଇଥିଲା। ଚିନା ବାବୁ, ତାଙ୍କ ପତ୍ନୀ ଓ ତାଙ୍କ ପୁଅ ଘର ପିଣ୍ଡାରେ ଶୋଇଥିବା ବେଳେ ଦୁର୍ବୃତ୍ତ ଉପର ଘର ଦେଇ ପ୍ରବେଶ କରି ତଳ ଘରର ଆଲମିରାରେ ରଖିଥିବା ସୁନାକୁ ଚୋରି କରି ନେଇଯାଇଥିଲେ। ଚିନା ବାବୁ ଜଣେ ବ୍ୟବସାୟୀ ହୋଇଥିବା ବେଳେ ସୁନା କିଣି ଘରେ ରଖିଥିଲେ। ଦୁର୍ବୃତ୍ତ ଉପର ଘରଦେଇ ପ୍ରବେଶ କରି ଚୋରି କରିଥିବା ବେଳେ ଜଣାଶୁଣା ଲୋକେ ଏହି ଚୋରି କରିଥିବା ନେଇ ସନ୍ଦେହ କରୁଥିବା କହିଛନ୍ତି ଚିନାବାବୁ। ଦୁଇ ମାସ ଭିତରେ ବଡ଼ ଧରଣର ଚୋରି ହୋଇଥିବା ବେଳେ ପୁଲିସ କିନ୍ତୁ କେବଳ ତଦନ୍ତ ଚାଲିଛି ବୋଲି କହୁଥିବା ଯୋଗୁ ସ୍ଥାନୀୟ ଅଞ୍ଚଳରେ ଚୋର ଭୟ ଲୋକଙ୍କୁ ଆଲୋଡନା ସୃଷ୍ଟି କରିଛି। ଘଟଣା ଘଟି ଦୁଇ ମାସ ବିତିଯିବା ସତ୍ତ୍ୱେ ପୁଲିସ ଏସମ୍ପର୍କରେ ଗଣମାଧ୍ୟମକୁ କୌଣସି ସୂଚନା ଦେଇ ନ ଥିଲେ। ଏଥିନେଇ ଏବେ ପ୍ରଶ୍ନ ସୃଷ୍ଟି ହୋଇଛି। ଚୋରି ନିର୍ବାଚନ ସମୟରେ ହୋଇଥିବା ଯୋଗୁ ସମସ୍ତ ପୁଲିସ ନିର୍ବାଚନ ଡ୍ୟୁଟିରେ ରହିଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତ ବଡ ଧରଣର ଚୋରି କରିବାରେ ସକ୍ଷମ ହୋଇଥିବା କୁହାଯାଇଛି। ସେ ନୂତନ ଭାବେ ଆସିଥିବା ଯୋଗୁ ଘଟଣାର ତଦନ୍ତ ଆରମ୍ଭ କରିଥିବା ନୂତନ ଭାବେ ଯୋଗ ଦେଇଥିବା ଥାନା ଅଧିକାରୀ ସୁନୀଲ ବେହେରା ଏ ସମ୍ପର୍କରେ କହିଛନ୍ତି।

## ରାଇକିଆ ବଣିକ ସଂଘର ନୂତନ କର୍ମକର୍ତ୍ତା

**ରାଇକିଆ, ୧୬।୬(ସମିସ):** କନ୍ଧମାଳ ଜିଲ୍ଲା ରାଇକିଆ ବଣିକ ସଂଘର ଦ୍ୱିବାର୍ଷିକ ଅଧିବେଶନ ଶନିବାର ଅନୁଷ୍ଠିତ ହୋଇଥିଲା। ସଭାପତି ପଦ୍ମ ଚରଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ଦୁର୍ଯ୍ୟୋଧନ ଲେଙ୍କାଙ୍କ ଦ୍ୱାରା ଗତ ଦୁଇ ବର୍ଷର ବିବରଣୀ ପାଠ କରାଯାଇଥିଲା। ଏହି ଅବସରରେ ଆଗାମୀ ଦୁଇ ବର୍ଷ ପାଇଁ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସହମତି କ୍ରମେ ଦ୍ୱିତୀୟ ଥର ପାଇଁ ସଭାପତି ଭାବେ ପଦ୍ମ ଚରଣ ପଣ୍ଡା, ଉପସଭାପତି ଭାବେ ଦୁଇ ଜଣ ବି . ତ୍ରିପତି ସୁବୁଦ୍ଧି ଓ ସନ୍ତୋଷ ପଣ୍ଡା, ସାଧାରଣ ସମ୍ପାଦକ ଦୁର୍ଯ୍ୟୋଧନ ଲେଙ୍କା, ସହ ସମ୍ପାଦକ ଦୂତିକୃଷ୍ଣ ପଣ୍ଡା, ଯୁଗ୍ମ ସମ୍ପାଦକ ଆର.ମହେନ୍ଦ୍ର ପାତ୍ର, ସଙ୍ଗଠନ ସମ୍ପାଦକ ଶ୍ରୀନିବାସ ଆଚାରୀ ଏବଂ କୋଷାଧ୍ୟକ୍ଷ ଭାବେ ବାଲ୍ମୀକି ପତିଙ୍କୁ ମନୋନୀତ କରାଯାଇଥିଲା। ଆଇନ ପରାମର୍ଶଦାତା ଭାବେ ପ୍ରଦୀପ ବେହେରା ଏବଂ ସତ୍ୟବାନ୍ ପାତ୍ର ଓ ସନ୍ଦୀପ କୁମାର ସାବତ, ସନ୍ତୋଷ ପାଢ଼ୀ, ରାମକୃଷ୍ଣ ପାତ୍ରଙ୍କୁ ଉପଦେଷ୍ଟା କମିଟି ସଦସ୍ୟ ଭାବେ ଚୟନ କରାଯାଇଥିଲା।

## ଚିକିତ୍ସିତ ଅବସ୍ଥାରେ ନାବାଳକର ମୃତ୍ୟୁ

**ଫିରିଙ୍ଗିଆ, ୧୬।୬(ସମିସ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଗୋଛାପଡ଼ା ଥାନା ସଲାଗୁଡା ପଞ୍ଚାୟତ କାଦାରି ଗାଁର ଜଣେ ତେର ବର୍ଷୀୟ ନାବାଳକର ହଠାତ ମୃତ୍ୟୁ ହୋଇଛି। ନାବାଳକର ମୃତ୍ୟୁକୁ ନେଇ ପରିବାର ତଥା ଗ୍ରାମ ଓ ଗୋଛାପଡ଼ା ଅଂଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ସୂଚନା ଅନୁସାରେ ଗାଁର ମେଟା ମଳିକ ନାମକ ଜଣେ ବ୍ୟକ୍ତିଙ୍କ ତେର ବର୍ଷର ନାବାଳକ ପୁଅ ବାବୁନା ମଳିକ କୁ ଶନିବାର ଦିନ ଜ୍ୱର ହୋଇଥିଲା। ପରେ ପରିବାର ଲୋକେ କୌଣସି ଏକ ଔଷଧ ଦୋକାନରୁ କିଛି ଔଷଧ ଆଣି ଖାଇବାକୁ ଦେଇଥିଲେ। କିନ୍ତୁ ଔଷଧ ଦେବା ପରେ ମଧ୍ୟ ଜ୍ୱର କମିନଥିଲା ବରଂ ଆହୁରି ବଢ଼ି ଯାଇଥିଲା। ପରିବାର ଲୋକ ଶନିବାର ରାତିରେ ଏକ ଅଟୋ ଭଡା କରି ନାବାଳକକୁ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। କିନ୍ତୁ ବିଳମ୍ବିତ ରାତିରେ ବାଳକ ଜଣକର ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ବାଳକ ଜଣକ ସଲାଗୁଡା ଆଶ୍ରମ ବିଦ୍ୟାଳୟରେ ସପ୍ତମ ଶ୍ରେଣୀରେ ପାଠ ପଢୁଥିଲା ଓ ଖରା ଛୁଟିରେ ସ୍କୁଲଛୁଟି ହେବାରୁ ଘରେ ଥିଲା। ନାବାଳକର ବାପା ଘଟଣା ସମ୍ପର୍କ ରେ ଗୋଛାପଡ଼ା ଥାନାରେ ଏକ ଲିଖିତ ଅଭିଯୋଗ କରିବା ପରେ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଅଧିକ ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ପ୍ରଭାତ କୁମାର ବେହେରା ସୂଚନା ଦେଇଛନ୍ତି।

## ବିଦ୍ୟୁତ୍ କାର୍ଯ୍ୟାଳୟ ଘେରିଲେ କେକ୍ରିଙ୍ଗିଆ ଗ୍ରାମବାସୀ



**ଫିରିଙ୍ଗିଆ, ୧୬।୬(ସମିସ):** କାଳ ବୈଶାଖୀ ପ୍ରଭାବରେ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଅଞ୍ଚଳରେ ବହୁ କ୍ଷୟକ୍ଷତି ହୋଇଥିବା ବେଳେ ବିଶେଷ କରି ବ୍ଲକର ବିଭିନ୍ନ ଅଞ୍ଚଳରେ ବିଦ୍ୟୁତ ବିଭ୍ରାଟ ଦେଖାଦେଇଛି। ଧୀରେଧୀରେ ବିଦ୍ୟୁତ ବିଭାଗ କର୍ମଚାରୀ ଗାଁଗାଁ ବୁଲି ବିଦ୍ୟୁତ ସରବରାହକୁ ଠିକ କରିବାରେ ପାରୁପର୍ଯ୍ୟନ୍ତ ଚେଷ୍ଟା ଜାରି ରଖିଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ଅନେକ ଗାଁ ଅନ୍ଧାରରେ ରହିଛି। ଏହି ପରିପେକ୍ଷୀରେ ଫିରିଙ୍ଗିଆ ସହର ଠାରୁ ଦୁଇ କିଲୋମିଟର ଦୂରରେ ଥିବ କେକ୍ରିଙ୍ଗିଆ ଗାଁ ଓ ତାର ଆଖପାଖ ଗାଁରେ ବିଦ୍ୟୁତ ଯୋଗାଣ ହୋଇ ନ ଥିବାରୁ ରାତିରେ ଶତାଧିକ ଗ୍ରାମବାସୀ ଫିରିଙ୍ଗିଆରେ ଥିବା ବିଦ୍ୟୁତ ବିଭାଗ କାର୍ଯ୍ୟାଳୟ ଶନିବାର ରାତିରେ ଘେରାଉ କରିଥିଲେ। ସୂଚନା ଅନୁସାରେ ଗତ ମଙ୍ଗଳବାର ଦିନ ହୋଇଥିବା କାଳବୈଶାଖୀ ପ୍ରଭାବରେ ଏହି ଅଞ୍ଚଳରେ ବିଦ୍ୟୁତ ବିଚ୍ଛିନ୍ନ ହୋଇଥିଲା। ବାରମ୍ବାର ଅଭିଯୋଗ ପରେ ମଧ ବିଦ୍ୟୁତ ବିଭାଗ ତରଫରୁ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଏଥିରେ ବାଧହୋଇ ଶତାଧିକ ଗ୍ରାମବାସୀ ବିଦ୍ୟୁତ ବିଭାଗ କାର୍ଯ୍ୟାଳୟ ଘେରାଉ କରିବା ସହ ହୋହାଲ୍ଲା କରିଥିଲେ। ଘଟଣା ସ୍ଥଳରେ ଫିରିଙ୍ଗିଆ ପୁଲିସ ପହଞ୍ଚି ଆନ୍ଦୋଳନକାରୀ ଗ୍ରାମବାସୀଙ୍କୁ ବୁଝାସୁଝା କରିଥିଲେ। ଫିରିଙ୍ଗିଆ ଦାୟିତ୍ୱରେ ଥିବା ବିଦ୍ୟୁତ ସୁପରଭାଇଜର ସୁଶାନ୍ତ କୁମାର ପ୍ରଧାନ ରବିବାର ଦିନ ଦଶଟା ସୁଦ୍ଧା କେକ୍ରିଙ୍ଗିଆ ଗାଁକୁ ବିଦ୍ୟୁତ ସଂଯୋଗ କରାଯିବା ନେଇ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ହଟିଥିଲା। କିନ୍ତୁ ପ୍ରତିଶ୍ରୁତି ସତ୍ତ୍ୱେ ଗାଁକୁ ରବିବାର ବିଦ୍ୟୁତ ସଂଯୋଗ ହୋଇ ନ ଥିବା ଜଣାପଡ଼ିଛି।

## ଗଜପତିରୁ ପୋଷ୍ୟ ସନ୍ତାନ ଗ୍ରହଣ କଲେ କେରଳ ଦମ୍ପତି

**ପାରଳାଖେମୁଣ୍ଡି, ୧୬।୬(ସମିସ):** ଗଜପତି ଜିଲ୍ଲା ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରର ୫୩ ତମ ଶିଶୁଙ୍କୁ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ପୋଷ୍ୟ ସନ୍ତାନ ଭାବେ କେରଳ କୋଲ୍ଲମ ସହରର ଏକ ଦମ୍ପତିଙ୍କୁ ହସ୍ତାନ୍ତର କରିଛନ୍ତି। ସୂଚନା ପ୍ରକାରେ ପିତୃମାତୃ ହୀନ ଏହି ଶିଶୁକନ୍ୟାକୁ ଶିଶୁ ମଙ୍ଗଳ ସମିତିର ନିର୍ଦ୍ଦେଶ କ୍ରମେ ଯତ୍ନ ଓ ସୁରକ୍ଷା ନିମନ୍ତେ ନିସାନ ସାଲୋମ ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦଅରେ ରଖି ଯତ୍ନ ଓ ସୁରକ୍ଷା ପ୍ରଦାନ କରାଯାଉଥିଲା। ପରବର୍ତ୍ତି ସମୟରେ ଶିଶୁ ମଙ୍ଗଳ ସମିତି ଗଜପତି ଶିଶୁକୁ



ଆଇନତଃ ମୁକ୍ତ ଭାବେ ଘୋଷଣା କରିଥିଲା ଏବଂ ଏହାପରେ ଶିଶୁର ତଥ୍ୟ କେନ୍ଦ୍ରୀୟ ପୋଷ୍ୟ ସନ୍ତାନ ଗ୍ରହଣ ପୋର୍ଟାଲ୍‌ରେ ଜିଲ୍ଲାରେ ଥିବା ଏକମାତ୍ର ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର 'ନିସାନ୍ ସାଲୋମ୍' ମାଧ୍ୟମରେ ଅପଲୋଡ୍ କରାଯାଇଥିଲା। ଯାହାଦ୍ୱାରା ଶିଶୁଟି ପୋଷ୍ୟ ଭାବେ ଯେକୌଣସି ଦମ୍ପତିଙ୍କ ପାଖକୁ ଯାଇପାରିବ। ତାହା ସମସ୍ତଙ୍କୁ ପୋର୍ଟାଲ୍ ମାଧ୍ୟମରେ ଜଣାଇ ଦିଆଯାଇଥିଲା। ପୋଷ୍ୟ ସନ୍ତାନ ଗ୍ରହଣ ନିମନ୍ତେ ପ୍ରାୟ ଚାରି ବର୍ଷ ଧରି ଅନଲାଇନରେ ଦରଖାସ୍ତ ଦେଇ ଅପେକ୍ଷା କରି ରହିଥିବା କେରଳ କୋଲ୍ଲମ ସହରର ଦମ୍ପତିଙ୍କୁ କେନ୍ଦ୍ରୀୟ ପୋଷ୍ୟ ସନ୍ତାନ ସମ୍ବଳ କେନ୍ଦ୍ର ଅନୁମୋଦନ କରିଥିଲେ। ଉପରୋକ୍ତ ଦମ୍ପତି ଶାରିରୀକ ସ୍ତରରେ ଶିଶୁଙ୍କୁ ପସନ୍ଦ କରି ନେବା ପାଇଁ ସ୍ଥିର କରିଥିଲେ। ତାପରେ ଆବଶ୍ୟକ ହେଉଥିବା ଦସ୍ତାବିଜ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ଏବଂ ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ ଗଜପତି ପ୍ରସ୍ତୁତ କରିଥିଲେ ଏବଂ ଅତିରିକ୍ତ ଜିଲ୍ଲାପାଳ ଏହାକୁ ଆଇନତଃ ଅନୁମୋଦନ କରିଥିଲେ। ସମସ୍ତ ଦସ୍ତାବିଜକୁ ଜିଲ୍ଲାପାଳ ଯାଞ୍ଚ କରିବା ପରେ ରବିବାର ଶିଶୁକୁ ଉକ୍ତ ଦମ୍ପତିଙ୍କୁ ହସ୍ତାନ୍ତର କରାଯାଇଛି। ଶିଶୁଙ୍କୁ ପାଇ ଉକ୍ତ ଦମ୍ପତି ବେଶ ଖୁସି ଥିବା ଲକ୍ଷ୍ୟ କରାଯାଇଥିଲା। ହସ୍ତାନ୍ତର ସମୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ, ନିସାନ ସାଲୋମ ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରର ପରିଚାଳକ ପ୍ରତ୍ୟୁଷ କୁମାର ସୂର୍ଯ୍ୟ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଓ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

**● ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟ**

## ଶୌଚାଳୟରୁ ନବଜାତ ଶିଶୁ କନ୍ୟାର ମୃତଦେହ ଉଦ୍ଧାର

**ଫୁଲବାଣୀ, ୧୬।୬(ସମିସ):** କନ୍ଧମାଳ ଜିଲ୍ଲା ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ମେଡିସେନ ୱାର୍ଡର ମହିଳା ଶୌଚାଳୟରୁ ଏକ ନବଜାତ ଶିଶୁ କନ୍ୟାର ମୃତଦେହ ଉଦ୍ଧାର କରାଯାଇଛି। ମେଡିସେନ ୱାର୍ଡ଼ ମଧ୍ୟରେ ଥିବା ମହିଳା ଶୌଚାଳୟକୁ ରବିବାର ଜଣେ ସୁଇପର ସଫା କରିବାକୁ ଯାଇଥିବା ବେଳେ ଗୋଟିଏ ନବଜାତ ଶିଶୁ କନ୍ୟାର ମୃତଦେହ ପଡ଼ିଥିବା ଦେଖି ସଙ୍ଗେ




ସଙ୍ଗେ ମେଡିକାଲ କର୍ତ୍ତୃପକ୍ଷଙ୍କୁ ସୂଚନା ଦେଇଥିଲେ। ମେଡିକାଲ କର୍ତୃପକ୍ଷ ଏନେଇ ଫୁଲବାଣୀ ଟାଉନ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶିଶୁର ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଶିଶୁର କେଉଁ କାରଣରୁ ମୃତ୍ୟୁ ହେଲା? କିଏ ଏଠାରେ ପକାଇ ଚାଲିଗଲା ତାହାର କୌଣସି ସୂଚନା ମିଳି ନ ଥିବା ବେଳେ ପୁଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ତଦନ୍ତକାରୀ ଅଧିକାରୀ ସରୋଜ ସାହୁଙ୍କ ଠାରୁ ସୂଚନା ମିଳିଛି।

## କାଶୀନଗରରେ ରଜପର୍ବ ପାଳିତ

**କାଶୀନଗର, ୧୬।୬(ସମିସ):** ଗଜପତି ଜିଲ୍ଲା କାଶୀନଗର ସହର ସ୍ଥିତ ବିଜୁ କଲ୍ୟାଣ ମଣ୍ଡପରେ ସ୍ୱର୍ଗତ ଉର୍ମିଳା ବେହେରାଙ୍କ ସ୍ମୃତିରେ ଆୟୋଜିତ ରଜ ମହୋତ୍ସବ ପାଳିତ ହୋଇଛି। ରଜ ଉତ୍ସବ ନିମନ୍ତେ ଏଠାରେ ଝୋଟି, ହୁଳହୁଳି, ସଂଗୀତ, ପୋଡ଼ ପିଠା ଓ ନୃତ୍ୟ ପ୍ରତିଯୋଗିତା ହୋଇଥିଲା। କାର୍ଯ୍ୟକ୍ରମ ଆରମ୍ଭରେ ଶିକ୍ଷୟିତ୍ରୀ ସାବିତ୍ରୀ ରାଣୀ ସାହୁ ବନସ୍ତେ ଡାକିଲା ରଜ ସଙ୍ଗୀତ ଗାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଆୟୋଜକ ବରିଷ୍ଠ ସାମ୍ବାଦିକ ହୃଷୀକେଶ ଗୌଡ ହୋଇଥିବା ବେଳେ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗଜପତି ଜିଲ୍ଲା ପରିଷଦ ଅଧକ୍ଷ ଜି.ତିରୁପତି ରାଓ, ସମ୍ମାନିତ ଅତିଥି ଭାବେ ଏନଏସି ଅଧ୍ୟକ୍ଷା ଏମ.ସୁଧାରାଣୀ ଓ



ବ୍ଲକ ଅଧ୍ୟକ୍ଷା ବାଲା ସାଇଆମ୍ମା ଓ ମୁଖ୍ୟବକ୍ତା ଭାବେ ବାରଣାସୀ ହାଇସ୍କୁଲ ପ୍ରଧାନ ଶିକ୍ଷକ ଭାଗିରଥି ବେହେରା ଓ ବରିଷ୍ଠ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ମିଶ୍ର ମଞ୍ଚାସୀନ ହୋଇଥିଲେ। ମଞ୍ଚାସୀନ ଅତିଥି ରଜ ପର୍ବ ବିଷୟରେ ବକ୍ତବ୍ୟ ରଖିଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ପ୍ରଥମ ସ୍ଥାନ ହାସଲ କରିଥିବା ଶ୍ରୀରାମ ଡିଗ୍ରୀ କଲେଜର ପାଞ୍ଚ ଜଣ ଛାତ୍ରୀଙ୍କୁ କାର୍ଯ୍ୟକ୍ରମରେ ଉତ୍ତରୀୟ ସହ ପଦକ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥି ସହ ବାରଣାସୀ ହାଇସ୍କୁଲର ଛାତ୍ରୀ ପୁଷ୍ପ ଲତା ସାହୁ ଏହି ବର୍ଷ ଦଶମ ଶ୍ରେଣୀ ପରୀକ୍ଷାରେ ସର୍ବାଧିକ ମାର୍କ ରଖି କୃତକାର୍ଯ୍ୟ ହୋଇଥିବାରୁ ତାଙ୍କୁ ବାରଣାସୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାଗିରଥି ବେହେରା ସ୍ୱତନ୍ତ୍ର ଭାବେ ସମ୍ମାନିତ କରିଥିଲେ। ସଭାର ଅନ୍ତିମ ପର୍ଯ୍ୟାୟରେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତକାର୍ଯ୍ୟ ହୋଇଥିବା ମହିଳାଙ୍କୁ ପୁରସ୍କୃତ କରାଯାଇଥିଲା। କାଶୀନଗର ପ୍ରେସ କ୍ଲବ ସଭାପତି ଆନନ୍ଦ ଚନ୍ଦ୍ର ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପ୍ରେସ କ୍ଲବ ସମ୍ପାଦକ ରାଜେଶ ମିଶାଲ ଯୋଗ ଦେଇଥିଲେ। ବିଜୟ ଲକ୍ଷ୍ମୀ ବେହେରା ନିଜେ ପ୍ରସ୍ତୁତ କରି ଆଣିଥିବା ପୋଡ଼ ପିଠାରେ ସମସ୍ତ ଅତିଥି ଓ ଉପସ୍ଥିତ ମହିଳାଙ୍କୁ ଆପ୍ୟାୟିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସହରର ମହିଳା, ମିଶନଶକ୍ତି, ଅଙ୍ଗନବାଡି ଓ ଏସଏଚଜିର କାର୍ଯ୍ୟରତ ମହିଳା ତଥା ଛାତ୍ରୀ ଓ କୁନି କୁନି ପିଲା ଉପସ୍ଥିତ ଥିଲେ।

## ପ୍ରଗତି ମହିଳା ସଂଗଠନର ରଜ ଉତ୍ସବ

**ପାରଳାଖେମୁଣ୍ଡି, ୧୬।୬(ସମିସ):** ପାରଳାଖେମୁଣ୍ଡି ସହରସ୍ଥିତ ୟୁଟେକ କମ୍ପ୍ୟୁଟର ଏଡୁକେସନ ସେଣ୍ଟର୍‌ରେ ପ୍ରଗତି ମହିଳା ଅନୁଷ୍ଠାନ ଆନୁକୂଲ୍ୟରେ ରଜ ପାଳନ ଅବସରରେ ସଭା ଓ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମହିଳା ଓ ଝିଅଙ୍କ ଦ୍ୱାରା ରଜ ଦୋଳି, ରଜ କୁଇନ, ତର୍କ, ଝୋଟି, ନୃତ୍ୟ, ଗୀତ ପରିବେଷଣ ଆଦି ପ୍ରତିଯୋଗିତା ହୋଇଥିଲା। ଶିକ୍ଷାବିତ୍ ବିଚିତ୍ରାନନ୍ଦ ବେବର୍ତ୍ତାଙ୍କ ପରିଚାଳନା ରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ପାରଳାଖେମୁଣ୍ଡି ଉପକାରାଗାରର ଅଧିକ୍ଷକ ହନୁ ସେଠୀ, ମୁଖ୍ୟବକ୍ତା ଭାବେ ବିନୋଦିନୀ




କନିଷ୍ଠ ବିଦ୍ୟାଳୟର ଅଧକ୍ଷ ମନୋଜ୍ ପଟ୍ଟନାୟକ, ବିଶିଷ୍ଟ ଅତିଥି ହରିମୋହନ ପଟ୍ଟନାୟକ ଯୋଗ ଦେଇ ରଜ ଉତ୍ସବର ପାଳନ ବିଧି ସମ୍ପର୍କରେ କହିଥିଲେ। ସମ୍ପାଦିକା ତନୁଜା ଶତପଥୀ, ସଂଯୋଜକ ଲୋକନାଥ ମିଶ୍ର, ସଭାନେତ୍ରୀ କଳ୍ପନା ପଟ୍ଟନାୟକ, ଅତିଥି ଅଧାପକ ସୌଦାଗର ସିଅ, ପଣ୍ଡିତ ନରସିଂହ ଗୌଡ଼, ଭାଗବତ ପାଢ଼ୀ, ସ୍ନେହା ବେହେରା, ଅଞ୍ଜନା ପଟ୍ଟନାୟକ ଓ ମୁରଲୀଧର ପରିଚ୍ଛା ଯୋଗ ଦେଇ ରଜ ଉତ୍ସବ ସମ୍ପର୍କରେ କହିଥିଲେ। ବିଭିନ୍ନ ପ୍ରତିଯୋଗିତାର ବିଜୟୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସବିତା ପଣ୍ଡିତ ଧନ୍ୟବାଦ ଅର୍ପଣ କରିଥିଲେ।

## ବାଇକ୍ ଓ ଟ୍ରାକ୍ଟର ମୁହାଁମୁହିଁ, ୨ ଗୁରୁତର



**ଦାରିଙ୍ଗବାଡ଼ି, ୧୬।୬(ସମିସ):** କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ବ୍ଲକ ପ୍ଲିହେରି ଛକରେ ବାଇକ ଓ ଟ୍ରାକ୍ଟର ମୁହାଁମୁହିଁ ଧକ୍କା ହେବାରୁ ବାଇକରେ ଯାଉଥିବା ଦୁଇଜଣ ଗୁରୁତର ଆହତ ହୋଇଥିଲେ। ଗୁରୁତର ଦୁଇ ଜଣ ହେଲେ ଟେକାବାଡ଼ି ଗ୍ରାମର ରାମନାଥ ପ୍ରଧାନ(୩୦) ଓ ରାକେଶ ପ୍ରଧାନ(୪୦)। ରାମନାଥ ଓ ରାକେଶ କୌଣସି କାମରେ ଦାରିଙ୍ଗବାଡ଼ି ଆସି କାମ ସାରି ଟେକାବାଡ଼ି ଗ୍ରାମକୁ ଫେରୁଥିବା ସମୟରେ ଅପର ପଟେ ଆସୁଥିବା ଟ୍ରାକ୍ଟର ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ରାମନାଥ ଓ ରାକେଶ ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ଦାରିଙ୍ଗବାଡ଼ି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଏହି ଘଟଣାରେ ଦାରିଙ୍ଗବାଡ଼ି ଥାନାରେ ଆହତ ହୋଇଥିବା ବ୍ୟକ୍ତି ଲିଖିତ ଅଭିଯୋଗ କରିଥିବା ପ୍ରକାଶ କରିଛନ୍ତି।

**ଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର**

## ନାହାନ୍ତି ଶିଶୁ ଓ ଆନେସ୍ଥେସିଆ ଡାକ୍ତର, ରୋଗୀ ହନ୍ତସନ୍ତ

**ଗୁମ୍ମା, ୧୬।୬(ସମିସ)**

ଗଜପତି ଜିଲ୍ଲା ଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ମରୁଡ଼ି ଦେଖାଦେଇଛି। ଗୁମ୍ମା ବ୍ଲକ ଆଦିବାସୀ ବହୁଳ ଅଞ୍ଚଳ। ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ଡାକ୍ତର ନ ଥିବା କାରଣରୁ ସ୍ୱାସ୍ଥସେବା ପ୍ରଭାବିତ ହେଉଛି। ବ୍ଲକର ଅଧିକାଂଶ ଲୋକେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭରଶୀଳ ଥିବା ବେଳେ ସ୍ୱାସ୍ଥ୍ୟସେବା ପାଇ ନ ପାରି ବହୁ ଖର୍ଚ୍ଚାନ୍ତ ହେଉଥିବା ମିନସ ମଣ୍ଡଳ, ପ୍ରବୀଣ କୁମାର ଓ ସୁକୁ ମଣ୍ଡଳ ଅଭିଯୋଗ କରିଛନ୍ତି। ଏଠାରେ ନାହାଁନ୍ତି ଶିଶୁ ରୋଗ ଓ ଆନେସ୍ତେସିଆ ବିଶେଷଜ୍ଞ। ଯାହା ଫଳରେ ଗୁମ୍ମା ବ୍ଲକର ଗର୍ଭବତୀ ମହିଳାଙ୍କ ଠାରୁ ଆରମ୍ଭ କରି ଶିଶୁଙ୍କ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଉପରେ ଲୋକଙ୍କୁ ନିର୍ଭର କରିବାକୁ ପଡୁଛି। ଏଥିରେ ସେମାନେ ଅଯଥା ଖର୍ଚ୍ଚର ସମ୍ମୁଖୀନ ହେଉଛନ୍ତି।

ମୁଖ୍ୟତଃ ଜଳବାୟୁ ପରିବର୍ତ୍ତନ ଓ ଋତୁ ପରିବର୍ତ୍ତନ ଯୋଗୁଁ ବହୁ ସଂଖ୍ୟାରେ ଶିଶୁ ଥଣ୍ଡା ଜ୍ୱର ସହ ବିଭିନ୍ନ ପ୍ରକାର ରୋଗରେ ଆକ୍ରାନ୍ତ ହେଉଛନ୍ତି। କିନ୍ତୁ ଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୁଇ ବର୍ଷ ହେଲା ନାହାଁନ୍ତି ଶିଶୁ ରୋଗ ବିଶେଷଜ୍ଞ ଓ ଅନେସ୍ତେସିଆ ଡାକ୍ତର।




**● ଅଯଥା ଖର୍ଚ୍ଚର ସମ୍ମୁଖୀନ ହେଉଛନ୍ତି ଆଦିବାସୀ**

ରାଜ୍ୟ ଓ କେନ୍ଦ୍ର ସରକାର ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ପ୍ରାଧାନ୍ୟ ଦେଉଥିବା ସହ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଥିବା ବେଳେ ବର୍ତ୍ତମାନ ସୁଦ୍ଧା ଗୁମ୍ମା ବ୍ଲକରେ କୌଣସି ବିଭାଗର ବିଶେଷଜ୍ଞ ନାହାନ୍ତି। ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଉପାନ୍ତ ଅଞ୍ଚଳରେ ରହୁଥିବା ଆଦିବାସୀ, ଦଳିତ ଓ ବିଭିନ୍ନ ବର୍ଗର ଲୋକେ ନିର୍ଭରଶୀଳ। ବ୍ଲକରେ ପ୍ରାୟ ୫୦ହଜାର ଲୋକ ବସବାସ କରୁଥିବା ବେଳେ ପ୍ରତି ୬ମାସ ମଧ୍ୟରେ ୧୮ ହଜାର ରୁ ୨୦ ହଜାର ରୋଗୀ ଚିକିତ୍ସା ପାଇଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥାଆନ୍ତି। ୧୦ବର୍ଷରୁ କମ ବୟସ ପିଲାଙ୍କ ସଂଖ୍ୟା ପ୍ରାୟ ୧୦ହଜାର ରୁ ଉର୍ଦ୍ଧ୍ୱ ରହିଥିବା ବେଳେ ଚିକିତ୍ସା ପାଇଁ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରନ୍ତି। ସେହିପରି ଆଶ୍ରମ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଚିକିତ୍ସା ମଧ ଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ନିର୍ଭର କରେ। ସ୍ୱାସ୍ଥ୍ୟକେନ୍ଦ୍ରରେ ୬ଜଣ ଡାକ୍ତର ରହିଥିବା ବେଳେ ଜଣେ ମଧ ଶିଶୁ ରୋଗ ବିଶେଷଜ୍ଞ ଓ ଅନେସ୍ତେସିଆ ଡାକ୍ତର ନାହାନ୍ତି।ଶିଶୁଙ୍କ ସ୍ୱାସ୍ଥ୍ୟଜନିତ ସମସ୍ୟା ହେଲେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଲୋକଙ୍କୁ ଯିବାକୁ ପଡୁଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଯିବା ଆସିବା ପାଇଁ ଅଯଥା ଖର୍ଚ୍ଚ ହେବା ସହ ବିଭିନ୍ନ ସମସ୍ୟା ହେଉଥିବା ଅଭିଯୋଗ ହେଉଛି। ଏନେଇ ଏଡିଏମ୍ ପ୍ରମୋଦ କୁମାର ପଣ୍ଡା କହିଛନ୍ତି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମଧ ଜଣେ ହେଲେ ଶିଶୁ ବିଶେଷଜ୍ଞ ନାହାନ୍ତି। ଡେପୁଟେସନରେ ଜଣେ ଡାକ୍ତର ଅଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୪ଜଣ ଶିଶୁ ବିଶେଷଜ୍ଞ ରହିବା କଥା। ଡାକ୍ତର ଆସିଲେ ଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଜଣେ ଶିଶୁରୋଗ ବିଶେଷଜ୍ଞ ପଠାଯିବ। ସେହିପରି ଅନେସ୍ତେସିଆ ଡାକ୍ତର ମୁଖ୍ୟ ଚିକିତ୍ସାଳୟରେ ନାହାନ୍ତି। ନୂତନ ଡାକ୍ତର ଆସିଲେ ସେଠାକୁ ପଠାଯିବ ବୋଲି କହିଛନ୍ତି। ତୁରନ୍ତ ଏହି ସମସ୍ୟାର ସ୍ଥାୟୀ ସମାଧାନ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ସେହିଭଳି ସ୍ୱାସ୍ଥ୍ୟକେନ୍ଦ୍ରରେ ଜେନେରେଟର ନଥିବା କାରଣରୁ ବିଦ୍ୟୁତ ବନ୍ଦ ହେଲେ ଯୋଗୁଁ ଡାକ୍ତର ମହମବତି କିମ୍ବା ଟର୍ଚ୍ଚ ଧରି ଚିକିତ୍ସା କରୁଥିବା ଅଭିଯୋଗ କରିଛନ୍ତି ଅଞ୍ଚଳବାସୀ।

# ପୂର୍ବ ଶତ୍ରୁତାରୁ ବୃଦ୍ଧଙ୍କୁ ଆକ୍ରମଣ

**ଦିଗପହଣ୍ଡି, ୧୬।୬(ସମିସ):** ଦିଗପହଣ୍ଡି ବ୍ଲକ ଫାସିଗୁଡା ପଞ୍ଚାୟତ ଜକମେରୀ ପଲ୍ଲୀ ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗ୍ରାମର ନରସିଂହ ବେହେରା ନାମକ ଜଣେ ବୃଦ୍ଧଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ନରସିଂହଙ୍କ ପୁଅ ହୀନ ବେହେରା ଦିଗପହଣ୍ଡି ଥାନାରେ ଏତଲା ଦେଇଛନ୍ତି। ଶନିବାର ରାତିରେ ଗ୍ରାମର କାଳୁଆ ମନ୍ଦିର ନିକଟରେ ମେଳା ଅନୁଷ୍ଠିତ ହୋଇଥିଲା। ରାତି ପ୍ରାୟ ୮ଟାରେ ନରସିଂହ ମେଳା ନିକଟରେ ଠିଆ ହୋଇଥିବାବେଳେ ଗ୍ରାମର ବିଜୟ ବେହେରା ଓ ସୁଦାମ ବେହେରା ଦୁଇ ଭାଇ ପୂର୍ବ ଶତ୍ରୁତା କାରଣରୁ ନରସିଂହଙ୍କୁ ଗାଳିଗୁଲଜ କରିବା ସହ ଠେଙ୍ଗାରେ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ସେ ଗୁରୁତର ହୋଇଥିଲେ। ତାଙ୍କୁ ପ୍ରଥମେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ତେବେ ସେଠାରେ ତାଙ୍କ



ଅବସ୍ଥା ସଂକଟାପନ୍ନ ହେବାରୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ନରସିଂହଙ୍କ ପୁଅ ହୀନଙ୍କ ଏତଲାକୁ ଭିତ୍ତିକରି ଥାନା ମାମଲା ନଂ. ୨୫୩/୨୪ ପ୍ରକାରେ ଅଭିଯୁକ୍ତ ଦୁଇ ଭାଇଙ୍କ ବିରୋଧରେ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଚାଲିଥିବା ଥାନା ଆଇଆଇସି ବାବା ଶଙ୍କର ସରାଫ କହିଛନ୍ତି।

# ଗରମଠୁ ବଳିଯାଉଛି ଗୁଳୁଗୁଳି

**ବୁଗୁଡା, ୧୬।୬(ସମିସ):** ଜୁନ୍ ମାସର ଅଧା ଚାଲି ଗଲାଣି, ମୌସୁମୀର ଦେଖା ନାହିଁ। ଏଭଳି ସ୍ଥିତିରେ ତାପମାତ୍ରା କମିବାର ନାଁ ଧରୁନି। ବୁଗୁଡା ଅଞ୍ଚଳରେ ପ୍ରବଳ ଗରମ ସାଙ୍ଗକୁ ଅସହ୍ୟ ଗୁଳୁଗୁଳି ଅନୁଭୂତ ହେଉଛି। ସକାଳ ଦଶଟା ବେଳକୁ ପ୍ରଚଣ୍ଡ ଖରା ହେଉଛି। ମଧ୍ୟାହ୍ନ ବେଳକୁ ରାସ୍ତାଘାଟ ଏକ ପ୍ରକାର ଜନଶୂନ୍ୟ ହୋଇପଡୁଛି। କେଉଁ କେଉଁ ଦିନ ପାଗ ମେଘୁଆ ରହୁଥିଲେ ସୁଦ୍ଧା ଗୁଳୁଗୁଳିରୁ ନିସ୍ତାର ମିଳୁନି। ତାତିରୁ ତ୍ରାହି ପାଇବା ପାଇଁ ଲୋକେ ଚାତକ ଭଳି ବର୍ଷାକୁ ଚାହିଁ ବସିଥିବା ବେଳେ ମେଘ ପବନ ଆସୁଛି କିନ୍ତୁ ବର୍ଷା ହେଉନାହିଁ। ଅନ୍ୟପକ୍ଷରେ ମେଘ ପବନ ଆଳରେ ବିଦ୍ୟୁତ୍ କାଟ ଯୋଗୁଁ ଲୋକେ ଗୁଳୁଗୁଳି ଓ ଗରମରେ ଛଟପଟ ହେବା ହିଁ ସାର ହେଉଛି। ମୌସୁମୀର ଆଗମନ ନିକଟତର ହେଲାଣି ବୋଲି ପାଣିପାଗ ବିଭାଗର ସୂଚନା ରହିଥିଲେ ସୁଦ୍ଧା ମୌସୁମୀର ଲୁଚକାଳି ଖେଳ ଯୋଗୁଁ ଗରମ ଓ ଗୁଳୁଗୁଳିରେ ବୁଗୁଡା ଅଞ୍ଚଳର ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି। ଅପରପକ୍ଷେ ଗତବର୍ଷ ଖରିଫ ଚାଷ ବେଳେ ମୌସୁମୀ ବର୍ଷା କମ ହୋଇଥିବାରୁ ଚଳିତ ବର୍ଷ ଭଲ ବର୍ଷା ହେବ ବୋଲି ଚାଷୀ ଆଶା ରଖିଛି। ତେବେ ବର୍ତ୍ତମାନ ସୁଦ୍ଧା ଜିଲ୍ଲାରେ ମୌସୁମୀ ବର୍ଷା ହୋଇନଥିବାରୁ ଖରିଫ ଚାଷ ବିଳମ୍ବିତ ହେବାର ଆଶଙ୍କା ପ୍ରକାଶ ପାଇଛି।

# ସୋରଡ଼ା ବିଧାୟକଙ୍କୁ ସମ୍ବର୍ଦ୍ଧନା



**ବେଲଗୁଣ୍ଠା, ୧୬।୬(ସମିସ):** ଗଞ୍ଜାମ ଜିଲ୍ଲା ବରିଷ୍ଠ କଳାକାର ମହାସଂଘର ବେଲଗୁଣ୍ଠା ବ୍ଲକ ଶାଖା ତରଫରୁ ସୋରଡା ନିର୍ବାଚନ ମଣ୍ଡଳୀର ନବ ନିର୍ବାଚିତ ବିଧାୟକ ନୀଳମଣି ବିଷୋୟୀଙ୍କୁ ବିଜୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ମହାସଂଘ ସଭାପତି ସୁରେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଈଶ୍ୱର ଚନ୍ଦ୍ର ଗୌଡ଼, ରମେଶ ଗୌଡ଼, ରାଜେନ୍ଦ୍ର ଗୌଡ଼, ରଙ୍କ ଗୌଡ଼, ରାଜେନ୍ଦ୍ର ମହାପାତ୍ର, ପ୍ରଫୁଲ୍ଲ ବେହେରା, ଧୋବା ବିଶ୍ୱାଳ, ରୋହିତ ନାୟକ ପ୍ରମୁଖ ବିଧାୟକ ଶ୍ରୀ ବିଷୋୟୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଆଗାମୀ ଦିନରେ ଅନୁଷ୍ଠିତ ହେବାକୁ ଥିବା ବରିଷ୍ଠ କଳାକାର ମହାସଂଘର ବାର୍ଷିକ ଉତ୍ସବରେ ଅତିଥି ଭାବେ ଯୋଗ ଦେବାପାଇଁ ନିମନ୍ତ୍ରଣ ଜଣାଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କଳାକାର ସହାୟତା ପ୍ରଦାନରେ ପାତର ଅନ୍ତର ହେଉଥିବା ନେଇ ସଂଘ ପକ୍ଷରୁ ସଂଘ ତରଫରୁ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। କଳାକାର ସମାଜର ବତୀଘର, ତେଣୁ ନିଶ୍ଚିତ ରୂପେ କଳାକାର ମାନଙ୍କୁ ନ୍ୟାୟ ପ୍ରଦାନ କରାଯିବ ବୋଲି ବିଧାୟକ ଶ୍ରୀ ବିଷୋୟୀ ପ୍ରତିଶ୍ରୁତି ଦେଇଥିଲେ।

# ଜଗଦଳପୁରରେ ଠାକୁରାଣୀ ଯାତ୍ରା

**କୁକୁଡାଖଣ୍ଡି, ୧୬।୬(ସମିସ):** କୁକୁଡାଖଣ୍ଡି ବ୍ଲକ ଅନ୍ତର୍ଗତ ଜଗଦଳପୁର ଗ୍ରାମରେ ପ୍ରତି ବର୍ଷ ପରି ଚଳିତ ବର୍ଷ ରଜ ସଂକ୍ରାନ୍ତି ଉପଲକ୍ଷେ ଗ୍ରାମଦେବୀ ଠାକୁରାଣୀ ଯାତ୍ରା ଆରମ୍ଭ ହୋଇଯାଇଛି। ବର୍ଷା ଆଗମନ ହେଲେ ଗ୍ରାମର କୃଷକ କୁଳ ଉପକୃତ ହେବା ସହ ଚାଷ ଜମିରେ ଭଲ ଫସଲ ଅମଳ ଲକ୍ଷ୍ୟ ନେଇ ଦୀର୍ଘ ବର୍ଷ ଧରି ଏହି ଯାତ୍ରା ଚାଲି ରହିଥିବା କହିଛନ୍ତି ଗ୍ରାମବାସୀ। ଏହି ଯାତ୍ରାରେ



ପୂଜା ହୋମ ଯଜ୍ଞ କରି ସନ୍ଧ୍ୟାରେ ବିରାଟ ପଟୁଆରରେ ମା'ଙ୍କ ନଗର ପରିକ୍ରମା କରାଯାଇଛି। ଏଭଳି ତିନି ଦିନ ଧରି ଚାଲିବ ବୋଲି ଗ୍ରାମ୍ୟ କମିଟି ସୂଚନା ଦେଇଛନ୍ତି। ଏଥିସହ ବିଭିନ୍ନ ସାହି ମାନଙ୍କରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଛି। ରବିବାର ମା' ଜଗଦଳପୁର ଗ୍ରାମର ବିଭିନ୍ନ ସାହି ପରିକ୍ରମା କରିଥିଲେ। ଏହି ଅବସରରେ ଗ୍ରାମର ବହୁ ଲୋକଙ୍କ ସାମଗମ ହୋଇଥିଲା।

# ମହେନ୍ଦ୍ରଗିରିରେ ଏକାଠି ହେଲେ ତିନି ରାଜ୍ୟର ସାଧୁସନ୍ଥ

**ବ୍ରହ୍ମପୁର/ପାରାଳାଖେମୁଣ୍ଡି, ୧୬।୬(ସମିସ)**

ଦେଶର ଅନ୍ୟତମ ଐତିହ୍ୟ ସ୍ଥଳ ମହେନ୍ଦ୍ରଗିରିର ସୁରକ୍ଷା ଓ ଏଠାରେ ଆନୁସଙ୍ଗିକ ବ୍ୟବସ୍ଥା କରିବାକୁ ଦାବି ହୋଇଛି। ଏହିକ୍ରମରେ ମହେନ୍ଦ୍ରଗିରି ସ୍ଥିତ କୁନ୍ତି ମନ୍ଦିରଠାରେ ଏକ ସାଧୁସନ୍ଥ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଅଖିଳ ଭାରତ ସନ୍ଥ ସମିତି ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶା, ଆନ୍ଧ୍ରପ୍ରଦେଶ ଓ ତେଲେଙ୍ଗାନାର ବରିଷ୍ଠ ସାଧୁସନ୍ଥମାନେ ଯୋଗ ଦେଇଥିଲେ। ଐତିହ୍ୟସ୍ଥଳୀ ମହେନ୍ଦ୍ରଗିରିର ସୁରକ୍ଷା ଲାଗି ସମସ୍ତେ ଏଠାରେ ସାମିଲ ହୋଇଥିଲେ। ଭଗବାନ ପର୍ଶୁରାମଙ୍କ ତପସ୍ଥଳୀ, ପୁରାଣ ପ୍ରସିଦ୍ଧ ମହେନ୍ଦ୍ରଗିରି ଶିଖରରେ ପରିବେଶ ସୁରକ୍ଷା, ମହେନ୍ଦ୍ରଗିରି ଚାରିଯୁଗବର ତପସ୍ଥଳି ଆଦି ବିଭିନ୍ନ ପ୍ରସଙ୍ଗ ଉପରେ ଏଠାରେ ଆଲୋଚନା ହୋଇଥିଲା। ଏହି ସ୍ଥାନ ବିଶ୍ୱର ପ୍ରସିଦ୍ଧ ତପସ୍ଥଳି। ଯେଉଁଠାରେ ଭଗବାନ ପର୍ଶୁରାମ ତପସ୍ୟା କରିଥିଲେ। ଏହାର ପବିତ୍ରତା ରକ୍ଷା କରିବା, ସନ୍ଥ ସମାଜର ସୁରକ୍ଷା, ସନାତନ ଧର୍ମର ପ୍ରଚାର ପ୍ରସାର ଉପରେ ଆଲୋଚନା କରାଯାଇଥିଲା। ସମ୍ମିଳନୀରେ ଆନ୍ଧ୍ର ପ୍ରଦେଶ ଶାଖାର ଅଧ୍ୟକ୍ଷ ଶ୍ରୀନିବାସ ନନ୍ଦ, ତିନିରାଜ୍ୟର ଅଧ୍ୟକ୍ଷ

**● ଐତିହ୍ୟର ସୁରକ୍ଷା ଓ ଆନୁସଙ୍ଗିକ ବ୍ୟବସ୍ଥା କରିବାକୁ ଦାବି**

ଦଣ୍ଡିସ୍ୱାମୀ ଭାସ୍କରାନନ୍ଦ ତୀର୍ଥ ମହାରାଜ(ଲକ୍ଷ୍ମୀ ବାବା), ଆନ୍ଧ୍ରପ୍ରଦେଶ ଧର୍ମ ସମାଜ ଅଧ୍ୟକ୍ଷ ସିଏଚ୍ ଲକ୍ଷ୍ମଣ ରାଓ ଆଚାରୀ, ଓଡ଼ିଶା ଶାଖାର ଉପସଭାପତି ଶ୍ରୀ ହରିହର ଦାସ ମହାରାଜ, ସହ ସମ୍ପାଦକ ଚିନ୍ମୟାନନ୍ଦ ଦାସ,





ସଂଗଠକ ସମ୍ପାଦକ ଅଯୋଧ୍ୟା ଦାସ, ତେଲେଙ୍ଗନାର ସ୍ୱାମୀ ସ୍ୱରାପା ନନ୍ଦ, ସ୍ୱାମୀ ଓଁକାର ନନ୍ଦ, ସ୍ୱାମୀ ଅଖଣ୍ଡା ନନ୍ଦ ସମେତ ଶତାଧିକ ସାଧୁସନ୍ଥ ଉପସ୍ଥିତ ହୋଇଥିଲେ। ବିଶ୍ୱ ପ୍ରସିଦ୍ଧ ମହେନ୍ଦ୍ରଗିରିର ପ୍ରବିତ୍ରତା ରକ୍ଷା କରିବା ପାଇଁ ଆଗାମୀ ଦିନରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ଏଠାରେ କୁହାଯାଇଛି। ସେହିଭଳି ମହେନ୍ଦ୍ରଗିରିକୁ ତପସ୍ଥଳୀ ରୂପେ ମାନ୍ୟତା ପ୍ରଦାନ କରିବା, ମହେନ୍ଦ୍ରଗିରିର ଆଧ୍ୟାତ୍ମିକ ଇତିହାସକୁ ଲୋକଲୋଚନକୁ ଆଣିବା, ଶିଖରରେ ପର୍ଶୁରାମଙ୍କ ଭବ୍ୟ ଓ ବିରାଟ ମନ୍ଦିର ନିର୍ମାଣ କରିବା, ଶ୍ରଦ୍ଧାଳୁଙ୍କ ଲାଗି ଧ୍ୟାନ ମଣ୍ଡପ, ଯଜ୍ଞଶାଳାର ସୁରକ୍ଷା, ଯୋଗଶାଳା, ଭକ୍ତ ବିହାର ଏବଂ ବେଦ ବିଦ୍ୟାଳୟ ସ୍ଥାପନ କରିବା, ଶ୍ରଦ୍ଧାଳୁ ଓ ସନ୍ଥଙ୍କ ରହଣି ଲାଗି ବିଶ୍ରାମ ଶାଳା ସମେତ ବିଭିନ୍ନ ସୁବିଧା ସୁଯୋଗ ଯୋଗାଇଦେବା, ସେହିଭଳି ସମସ୍ତଙ୍କ ସୁରକ୍ଷା ଲାଗି ବ୍ୟବସ୍ଥା କରିବା, ପିଇବାପାଣି ଓ ଆଲୁଅ ବ୍ୟବସ୍ଥା, ଜୈବ ପରିବେଶର ସୁରକ୍ଷା, ଉକ୍ତ ଅଞ୍ଚଳର ଅଧିବାସୀଙ୍କୁ ମନ୍ଦିର ଦର୍ଶନ କରିବା ଲାଗି ରାସ୍ତାଘାଟର ସୁବ୍ୟବସ୍ଥା, ଦୀର୍ଘଦିନ ଧରି ଅଧପନ୍ତରିଆ ଭାବେ ପଡ଼ି ରହିଥିବା ରାସ୍ତାର ପୁନଃନିର୍ମାଣ ଆଦି ଦାବି କରାଯାଇଛି। ନୂତନ ସରକାର ଓଡ଼ିଶାରେ ଗଠନ ହୋଇଥିବା ବେଳେ ଏହି ମହାନ ଐତିହ୍ୟସ୍ଥଳର ବିକାଶ ଲାଗି ପଦକ୍ଷେପ ନେବେ ବୋଲି ସାଧୁସନ୍ଥମାନେ ଆଶା ପ୍ରକଟ କରିଛନ୍ତି।

# ସାଂସଦ ଓ ବିଧାୟକଙ୍କୁ ସମ୍ବର୍ଦ୍ଧନା ପାଇଁ ପ୍ରସ୍ତୁତି



**ଗଞ୍ଜାମ, ୧୬।୬(ସମିସ):** ଗଞ୍ଜାମ ଏନଏସି ଅନ୍ତର୍ଗତ ରାମଲିଙ୍ଗେଶ୍ୱର ମନ୍ଦିର ପ୍ରାଙ୍ଗଣରେ ନବ ନିର୍ବାଚିତ ସାଂସଦ ପ୍ରଦୀପ କୁମାର ପାଣିଗ୍ରାହି ଓ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକଙ୍କୁ ସମ୍ବର୍ଦ୍ଧନା ଦେବା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକ ବିଜେପିର ଗଞ୍ଜାମ ଜିଲ୍ଲା ଏସସି ମୋର୍ଚ୍ଚା ସଭାପତି କୀର୍ତ୍ତନ ଦାସ ଓ ଆଇନଜୀବୀ ପଦ୍ମଚରଣ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ବିଜେପି ଗଞ୍ଜାମ ଜିଲ୍ଲା ସଭାପତି ଡ଼. ସୁବାଷ ଚନ୍ଦ୍ର ସାହୁ ସଭାପତିତ୍ୱ କରିଥିଲେ। ପାଞ୍ଚ ଜଣିଆ କମିଟି ଗଠନ କରାଯାଇ ସାଂସଦ ଓ ବିଧାୟକଙ୍କ ସହ ଯୋଗାଯୋଗ କରି ତାରିଖ ନିର୍ଦ୍ଧାରଣ କରି ସଠିକ ତାରିଖ ଘୋଷଣା କରିବେ। ଏହି ପାଞ୍ଚ ଜଣିଆ କମିଟିରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ନାୟକ, କାହ୍ନା ସ୍ୱାଇଁ, ପୂର୍ବତନ କାଉନସିଲର ଧନୁର୍ଦ୍ଧର ବେହେରା, ଚନ୍ଦ୍ରଶେଖର ରେଡି ଓ ପଦ୍ମ ଚରଣ ସାହୁଙ୍କୁ ଚୟନ କରାଯାଇଥିଲା। ନିର୍ଦ୍ଧାରିତ ତାରିଖରେ ଉଭୟ ନେତାଙ୍କୁ ସମର୍ଦ୍ଧନା ନେଇ ସର୍ବ ସମ୍ମତିକ୍ରମେ ନିଷ୍ପତି ଗ୍ରହଣ କରାଯାଇଥିଲା। ଜିଲ୍ଲା ସମ୍ପାଦକ ଲକ୍ଷ୍ମୀ ନାରାୟଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।ଛତ୍ରପୁର ନିର୍ବାଚନ ମଣ୍ଡଳୀର ସଂଯୋଜକ ବସନ୍ତ କୁମାର ବେହେରା, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା ରଶ୍ମିରାଣୀ ମହାପାତ୍ର, ପୂର୍ବତନ ଗଞ୍ଜାମ ବ୍ଲକ ଅଧ୍ୟକ୍ଷ ରଘୁନାଥ ସାହୁ, ଗଞ୍ଜାମ ଜିଲ୍ଲା ବିଜେପି ଉପସଭାପତି ଲକ୍ଷ୍ମୀ ନାରାୟଣ ପଣ୍ଡା, ଗଞ୍ଜାମ ଏନଏସିର ମଣ୍ଡଳ ସଭାପତି କାନ୍ତାରୀ ଦଳାଇ, ହୁମ୍ମା ମଣ୍ଡଳ ସଭାପତି ଧ୍ରୁବଚରଣ ପଲାଇ, ରାଜ୍ୟ ଓବିସି ମୋର୍ଚ୍ଚା ଉପସଭାପତି ସନ୍ତୋଷ କୁମାର ମହାପାତ୍ର, ଛତ୍ରପୁର ଏନଏସି ଅଧ୍ୟକ୍ଷାଙ୍କ ପ୍ରତିନିଧି ଚନ୍ଦ୍ରଶେଖର ରେଡି, ମତ୍ସ୍ୟଜୀବୀ ନେତା ଭିମସେନ ବେହେରା, ହୁମ୍ମା ପଞ୍ଚାୟତର ପୂର୍ବତନ ସରପଞ୍ଚ ଉମାକାନ୍ତ ସାହୁ ପ୍ରମୁଖଙ୍କ ସହ ଶତାଧିକ ଊର୍ଦ୍ଧ୍ୱ ବିଜେପି ନେତା ଓ କର୍ମୀ ଯୋଗ ଦେଇଥିଲେ।

# ଦରଦାମ ବୃଦ୍ଧିକୁ ନେଇ ଅତିଷ୍ଠ ଜନସାଧାରଣ

**ଭଞ୍ଜନଗର, ୧୬।୬(ସମିସ):** ଦିନକୁ ଦିନ ଯେପରି ଭାବରେ ଦରଦାମ ବୃଦ୍ଧି ପାଇବାରେ ଲାଗିଛି ତାକୁ ନେଇ ଗରିବ ଓ ମଧ୍ୟମ ଶ୍ରେଣୀର ଲୋକମାନେ ଚଳିବା କଷ୍ଟକର ହୋଇପଡ଼ିଛି। ବର୍ତ୍ତମାନ ପ୍ରଚଣ୍ଡ ଖରା ଯୋଗୁଁ ଶ୍ରମିକମାନେ ମଧ୍ୟ ପୂର୍ବ ପରି କାର୍ଯ୍ୟ କରିବା ସମ୍ଭବ ହେଉନାହିଁ। କେତେକ ଏହି କାରଣରୁ ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟାର ଶିକାର ହେଉଛନ୍ତି। ଫଳରେ ପରିବାରରେ ରୋଜଗାର କମ ଥିବା ବେଳେ ଅତ୍ୟଧିକ ଦରଦାମ ଯୋଗୁଁ ରାସନ ସାମଗ୍ରୀ ଓ ପନିପରିବା କିଣିବା ସେମାନଙ୍କ ପାଇଁ ଚିନ୍ତା ବଢ଼ାଇ ଦେଇଛି। ଚାଉଳ, ଡାଲି, ତେଲ ଭଳି ନିତ୍ୟ ବ୍ୟବହାର୍ଯ୍ୟ ଖାଦ୍ୟ ସାମଗ୍ରୀର ଦର ଅହେତୁକ ବୃଦ୍ଧି ପାଇଛି। ଆଉ କେତେକ କ୍ଷେତ୍ରରେ ଖାଦ୍ୟ ସାମଗ୍ରୀର ଦର ସଠିକ ଥାଇ ପରିମାଣରେ ହ୍ରାସ ପାଇଛି। ଏଭଳି ସ୍ଥିତିରେ ପନିପରିବା ଦର କଥା ନକହିବା ଭଲ। ଭଞ୍ଜନଗର ସହରରେ ଆଳୁ କିଲୋ ପ୍ରତି ଦର



୩୫ଟଙ୍କା, ପିଆଜ ୪୫ଟଙ୍କା, ଫୁଲ କୋବି ୫୦ଟଙ୍କା, କାକୁଡ଼ି ୪୦ଟଙ୍କା, ଗାଜର ୪୦ଟଙ୍କା, ସଜନା ଛୁଇଁ ୮୦ଟଙ୍କା, ଟମାଟୋ ୮୦ଟଙ୍କା, ଅମୃତଭଣ୍ଡା ୩୦ଟଙ୍କା, ପୋଟଳ ୭୦ ଟଙ୍କା, ଭେଣ୍ଡି ୪୦ଟଙ୍କା, ବାଇଗଣ ୨୦ଟଙ୍କା ଓ ଝୁଡୁଙ୍ଗ ବିଡ଼ା ୫୦ଟଙ୍କା ରହିଛି। ଫଳରେ ସାଧାରଣ ଲୋକଙ୍କ ଚଳିବା ମୁସ୍କିଲ ହୋଇଯାଇଛି। ଏଭଳି ସ୍ଥିତିରେ ୫ଶହ ଟଙ୍କାରେ ମଧ୍ୟ ବ୍ୟାଗ ଭର୍ତ୍ତି ହେଉନାହିଁ। ଦରଦାମ ନିୟନ୍ତ୍ରଣ ପ୍ରତି ମଧ୍ୟ କୌଣସି କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଯାହାକୁ ନେଇ ଖାଉଟିଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି।

## ଜୁଆ ଆଡ୍ଡାରେ ଚଢ଼ଉ, ୫ ଜୁଆଡ଼ି ଗିରଫ


**ଖଲ୍ଲିକୋଟ, ୧୬।୬(ସମିସ):** ଖଲ୍ଲିକୋଟ ଥାନା ଅନ୍ତର୍ଗତ କନ୍ଦିଗାଁ ନିକଟରେ ଚାଲିଥିବା ଏକ ଜୁଆ ଆଡ୍ଡା ଉପରେ ପୁଲିସ ଚଢ଼ଉ କରି ୨୨ ହଜାର ୩୭୦ ଟଙ୍କା ଓ ଗୋଟିଏ ବାଇକ ଜବତ କରିବା ସହ ୫ ଜଣ ଜୁଆଡ଼ିଙ୍କୁ ଗିରଫ କରିଛି। ଶନିବାର ସନ୍ଧ୍ୟାରେ କନ୍ଦିଗାଁ ନିକଟରେ ଜୁଆ ଖେଳ ଚାଲିଥିବା ଖବର ପାଇ ଥାନା ଅଧିକାରୀ ନରେଶ କୁମାର ସାହୁଙ୍କ ନିର୍ଦ୍ଦେଶ କ୍ରମେ ଥାନା ଏଏସଆଇ ଅସିତ କୁମାର ପ୍ରଧାନଙ୍କ ନେତୃତ୍ୱରେ କନେଷ୍ଟବଲ ଅଜୟ କୁମାର ବେହେରା ଏବଂ ଅନ୍ୟ ପୁଲିସ କର୍ମଚାରୀଙ୍କ ସହ ଜୁଆ ଆଡ୍ଡା ଉପରେ ଚଢ଼ଉ କରି ୫ ଜଣ ଜୁଆଡ଼ିଙ୍କୁ କାବୁ କରିଥିଲେ। ଏନେଇ ଖଲ୍ଲିକୋଟ ଥାନାରେ ୫୦୮/୨୦୨୪ ଅନୁଯାୟୀ ଏକ ମାମଲା ରୁଜୁ ହୋଇଥିବା ବେଳେ ଅଞ୍ଚଳରେ ଜୁଆ ଖେଳକୁ ବନ୍ଦ କରିବା ପାଇଁ ଚଢ଼ଉ ଜାରି ରହିଛି ଏବଂ ଆଗକୁ ଏଭଳି ଚଢ଼ାଉ ଜାରି ରହିବ ବୋଲି ଥାନା ଅଧିକାରୀ ନରେଶ କୁମାର ସାହୁ ସୂଚନା ଦେଇଛନ୍ତି।

## ଗ୍ୟାସ ଲିକ୍‌ରୁ ଦୁର୍ଘଟଣା, ଜଣେ ଗୁରୁତର

**ସୋରଡା, ୧୬।୬(ସମିସ):** ସୋରଡା ବ୍ଲକ ଅନ୍ତର୍ଗତ କମାବାଖରା ଗାଁରେ ଗ୍ୟାସ ଲିକ୍ ହୋଇ ଦୁର୍ଘଟଣା ଘଟିଛି। ଗେଞ୍ଜା ପଞ୍ଚାୟତ କମାବାଖରା ଗ୍ରାମର ବାଲ୍ମୀକି ଗୌଡ ନିଜର ଘରୋଇ ବ୍ୟବହାର ପାଇଁ ସବୁଥର ଭଳି ଗ୍ୟାସ ସିଲିଣ୍ଡରଟିକୁ ସରିଯିବା ହେତୁ ଅନ୍ୟ ଗ୍ୟାସ ସିଲିଣ୍ଡରକୁ ବ୍ୟବହାର ପାଇଁ ସଂଯୋଗ କରିଥିଲେ। ନିଜେ ସଂଯୋଗ କରି ଠିକ ଥିବା ଜାଣି ନିଆଁ ସଂଯୋଗ ବେଳେ ଏହି ଦୁର୍ଘଟଣା ଘଟିଥିବା ବେଳେ ଯେ କୌଣସି କାରଣରୁ ଘରର ଅନ୍ୟ ସଦସ୍ୟ ସାମାନ୍ୟ ଆହତ ହୋଇଥିବା ବେଳେ ସିଲିଣ୍ଡର ୱାସର ଠିକ ନ ଥିବା ହେତୁ ଗ୍ୟାସ ଲିକ ହୋଇ ଗୋଟିଏ ବଡ଼ ଦୁର୍ଘଟଣାରୁ ପରିବାର ସଦସ୍ୟ ପଡ଼ିଥିଲେ ଏବଂ ଯାହାକୁ ଏଡ଼ାଇବାକୁ ଯାଇ ଗଭିର ଆଘାତ ଲାଗିଥିଲା।ସୋରଡା ଅଗ୍ନିଶମ ବାହିନୀ ପହଞ୍ଚି ଗୁରୁତରଙ୍କୁ ଉଦ୍ଧାର କରି ସୋରଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେହିପରି ବାଲ୍ମିକୀଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ଜିଲ୍ଲା ବାହାରକୁ ସ୍ଥାନାନ୍ତର କରାଯାଇଛି। ତେବେ କ୍ଷତିଗ୍ରସ୍ତ ପରିବାର ଗରିବ ଶ୍ରେଣୀର ହୋଇଥିବା ହେତୁ ସରକାରି ସହାୟତା ଦାବି କରିଛନ୍ତି ଗ୍ରାମବାସୀ ।

## ସାହିତ୍ୟ ସଂସ୍କୃତି ସଂସଦର କବିତା ଆସର

**ଛତ୍ରପୁର, ୧୬।୬(ସମିସ):** ପବିତ୍ର ରଜପର୍ବ ଉପଲକ୍ଷେ ସୃଜନ ସାହିତ୍ୟ ସଂସ୍କୃତି ସଂସଦ ପରିବାର ଛତ୍ରପୁର ତରଫରୁ ସ୍ଥାନୀୟ ଅବସରପ୍ରାପ୍ତ କର୍ମଚାରୀ ସଂଘ କାର୍ଯ୍ୟାଳୟରେ କବିତା ଆସର ତଥା ରଜ ପର୍ବର ମହତ୍ୱ ବିଷୟରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଡ଼ଃ. ପ୍ରଶାନ୍ତ କୁମାର ଶତପଥୀ, ସମ୍ପାଦକ



ସୋମନାଥ ସାହୁ, ଉପଦେଷ୍ଟା ନିରଞ୍ଜନ ତ୍ରିପାଠୀ ମଞ୍ଚାସୀନ ରହି ଓଡ଼ିଆ ସଂସ୍କୃତି, ଓଡ଼ିଆ ପରମ୍ପରା ସହ ଓଡ଼ିଆ ଗଣପର୍ବ ରଜପର୍ବର ମହତ୍ୱ ବିଷୟରେ ଆଲୋକପାତ କାଟିଥିଲେ। କାର୍ଯ୍ୟକ୍ରମରେ ଶୈଳବାଳା ପାଣିଗ୍ରାହୀ, ରୀତା ରଥ, ବଳରାମ ପଲେଇ, ଜତିରାଜ ନାୟକ, ମାଧବ ମହାପାତ୍ର, ନରେନ୍ଦ୍ର ପଣ୍ଡା, ରାମାନୁଜ ଦାସ, ରାମଚନ୍ଦ୍ର ନନ୍ଦ, ଗାୟତ୍ରୀ ମହାନ୍ତି, ତ୍ରିନାଥ ସାହୁ, ବିଜୟ ରାଉଳ, ଦୁର୍ଗା ପଲେଇ ରଜପର୍ବ କବିତା ପାଠ କରିଥିଲେ।

# ବିଶ୍ୱ ସାମୁଦ୍ରିକ କଇଁଛ ଦିବସ ପାଳିତ




**ଗଞ୍ଜାମ, ୧୬।୬(ସମିସ)**

ଗଞ୍ଜାମ ବ୍ଲକ ଅନ୍ତର୍ଗତ ପାଳିବନ୍ଧ ପଞ୍ଚାୟତ ଅନ୍ତର୍ଗତ କଣ୍ଟିଆଗଡ଼ ଗ୍ରାମ ସ୍ଥିତ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳରେ ଗୋପାଳପୁର ଟାଟା ପ୍ରକଳ୍ପ ଦ୍ୱାରା ବିଶ୍ୱ ସାମୁଦ୍ରିକ କଇଁଚ ଦିବସ ପାଳିତ ହୋଇଯାଇଛି। ଟାଟା ପ୍ରକଳ୍ପର ବନ୍ୟପ୍ରାଣୀ ବୈଜ୍ଞାନିକ ଡ଼. ସୁବ୍ରତ ଦେବତାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଟାଟା ପ୍ରକଳ୍ପ ମୁଖ୍ୟ ରକି ମାର୍ଟିନ ଯୋଗଦେଇ ସାମୁଦ୍ରିକ କଇଁଛଙ୍କ ସୁରକ୍ଷାରେ କଣ୍ଟିଆଗଡ଼, ଗୋଖରକୁଦା, ପୁରୁଣାବନ୍ଧ, ପୋଡ଼ମପେଟା, ପୁରୁଣାବନ୍ଧ, ପାଳିବନ୍ଧ ଅଞ୍ଚଳବାସୀଙ୍କ ସାହାଯ୍ୟ ସହଯୋଗ ଏକାନ୍ତ ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ଅତିଥି ମାନଙ୍କୁ ସ୍ୱାଗତ କରିବା ପାଇଁ ବେଳାଭୂମି ସଫେଇ, ସୁରକ୍ଷା କଲେ ଏହି ବିରଳ ପ୍ରଜାତିର ପ୍ରାଣି ବଞ୍ଚି ରହିରହିବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଖଲ୍ଲିକୋଟ ବନ ସଂରକ୍ଷକ ଦିବ୍ୟ ଶଙ୍କର ବେହେରା ଯୋଗଦେଇ ପରିସଂସ୍ଥାରେ ସାମୁଦ୍ରିକ କଇଁଛ ଗୁରୁତ୍ୱ ଏବଂ ଏହି କଇଁଛ ମାନଙ୍କ ସୁରକ୍ଷା ପାଇଁ ଅଞ୍ଚଳବାସୀଙ୍କ ସହଯୋଗ କାମନା କରିଥିଲେ। ସମ୍ମାନିତ ଅତିଥିଭାବେ ଗଞ୍ଜାମ ଜିଲ୍ଲା ଇକୋ କ୍ଲବ ସଂଯୋଜକ ଡ଼ଃ. ଶଙ୍କର ନାରାୟଣ ବେଜ ମଞ୍ଚାସିନ ଥିଲେ। ସ୍ଥାନୀୟ ଚାରି ଗ୍ରାମର ବିଦ୍ୟାର୍ଥୀ ମାନଙ୍କୁ ନେଇ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ଗ୍ରାମର ମହିଳା ଗୋଷ୍ଠୀ ଉପସ୍ଥିତ ଥିଲେ। ଶେଷରେ ବିଭିନ୍ନ ଗ୍ରାମର ମହିଳା ଗ୍ରୁପ ଲିଡର ଓ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଋଷିକୁଲ୍ୟା କଇଁଛ ସୁରକ୍ଷା ସମ୍ପାଦକ ରବୀନ୍ଦ୍ର ନାଥ ସାହୁ ଓ ରାଜେଶ୍ୱରୀ ପରିଚାଳନା ସହ ସହଯୋଗ କରିଥିଲେ।

# ରଜ ଲାଗି ପାର୍କରେ ପ୍ରବଳ ଭିଡ଼

**ଭଞ୍ଜନଗର, ୧୬।୬(ସମିସ):** ରଜ ୩ଦିନ ମଧ୍ୟରେ ରବିବାର ଥିଲା ଶେଷ ରଜ। ତେଣୁ ଚାରିଆଡେ ଖୁସିର ମାହୋଲ। ଏହି ପର୍ବକୁ ମନଭରି ଉପଭୋଗ କରିବା ପାଇଁ ୩ଦିନ ଧରି ଘରେ ଘରେ ପିଠା ପଣା ଓ ବିଭିନ୍ନ ସ୍ୱାଦିଷ୍ଟ ଖାଦ୍ୟ ଖାଇବା ସହ ବୁଲିବା ପାଇଁ ସମସ୍ତେ ଗୁରତ୍ୱ ଦେଇଥାନ୍ତି। ବିଶେଷ କରି ଆଜି ରବିବାର ଛୁଟି ଦିନ ହୋଇଥିବାରୁ ଛୋଟ ଛୁଆଙ୍କ ଠାରୁ ବୟସ୍କ ଲୋକମାନେ ନିଜ ପରିବାର ଓ ସାଙ୍ଗସାଥିଙ୍କ ସହ ଆସିଥିବାରୁ ଭଞ୍ଜନଗର ପ୍ରସିଦ୍ଧ ବିଜୁ ପଟ୍ଟନାୟକ ଶିଶୁ ଉଦ୍ୟାନରେ ପ୍ରବଳ ଭିଡ ପରିଲକ୍ଷିତ ହୋଇଥିଲା। ସକାଳ ସମୟରେ ୱାଟର ପାର୍କରେ ୫ଶହ ଲୋକ ଜଳ କ୍ରୀଡ଼ାର ମଜା ନେଇଥିବା ବେଳେ ଅପରାହ୍ନରେ ପ୍ରାୟ ୬ହଜାରରୁ ଊର୍ଦ୍ଧ୍ୱ ସ୍ଥାନୀୟ ଲୋକ



ସମେତ ବହୁ ପର୍ଯ୍ୟଟକଙ୍କ ସମାଗମ ହୋଇଥିଲା। ଏହି ରଜରେ ଛୋଟ ପିଲା, କୁମାରୀ ଓ ମହିଳା ମାନେ ଦୋଳି ଖେଳିବାକୁ ବେଶି ଆଗ୍ରହ ପ୍ରକାଶ କରିଥିଲେ। ସେହିପରି ଅନ୍ୟମାନେ ମଧ୍ୟ ବୋଟିଂ, ଟଏ ଟ୍ରେନ, କଳିଙ୍ଗ ବୋଇତ, ଇଲେକ୍ଟ୍ରି ଦୋଳି, ମିକି ମାଉସ, ମଡେଲ ଚିଡିଆଖାନା, ଆକ୍ୱାରିଅମ, ମ୍ୟୁଜିକ ଫାଉଣ୍ଟେନ ଓ ଉଦ୍ୟାନରେ ବୁଲି ଫୋଟ ଉଠାଇବାର ମଜା ନେଇଥିଲେ। ଜିଲ୍ଲା ତଥା ଜିଲ୍ଲା ବାହାରୁ ବହୁ ପର୍ଯ୍ୟଟକ ଆସିଥିବାରୁ ଅନେକ ଗୁଡିଏ ଗାଡ଼ି ମଟର ଚଳାଚଳ ଯୋଗୁଁ କିଛି ସମୟ ପାଇଁ ଟ୍ରାଫିକ ସମସ୍ୟା ମଧ୍ୟ ସୃଷ୍ଟି ହୋଇଥିଲା।

# ବିଇଏମ୍‌ସିର ନଜର ଆଢୁଆଳରେ 'ୱାଟର ଫାଉଣ୍ଟେନ୍'

## ରାସ୍ତାକଡ଼ରୁ ଉଭାନ ହୋଇଯାଇଛି ଫାଉଣ୍ଟେନ୍ | ଚୋରି ହୋଇଗଲାଣି ମିନିପାର୍କର ଲୁହା ବ୍ୟାରିକେଡ୍ ଗେଟ୍

ବ୍ରହ୍ମପୁର, ୧୬।୬(ସମିସ)

ସ୍ମାର୍ଟସିଟି ବ୍ରହ୍ମପୁର ସହରର ସୌନ୍ଦର୍ଯ୍ୟକୁ ବୃଦ୍ଧି କରିବାକୁ ଯାଇ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ସହରର ବିଭିନ୍ନ ପ୍ରମୁଖ ଛକମାନଙ୍କରେ ଭିନ୍ନଭିନ୍ନ ପ୍ରକଳ୍ପ କରାଯାଇଥିଲା। କେଉଁଠି ବର୍ଜ୍ୟବସ୍ତୁରୁ ପ୍ରତିମୂର୍ତ୍ତି ନିର୍ମାଣ କରି ସ୍ଥାପନ କରାଯାଇଥିଲା ତ କେଉଁଠି ମିନି ପାର୍କ ଓ ସେଲ୍‌ଫି ପଏଣ୍ଟ ପ୍ରତିଷ୍ଠା କରାଯାଇଥିଲା। ସେହିଭଳି ଏମକେସିଜି ମେଡିକାଲ କଲେଜ ମୁଖ୍ୟଫାଟକ ସମ୍ମୁଖରେ 'ୱାଟର ଫାଉଣ୍ଟେନ' ସ୍ଥାପନ କରାଯାଇଥିଲା। ଏକ ମିନିପାର୍କ ପ୍ରତିଷ୍ଠା ସହ ଏହାର ଆଲୋକିକରଣ ମଧ୍ୟ କରାଯାଇଥିଲା। ଯାହା ସହରବାସୀଙ୍କ ସମେତ ସହରକୁ ଆସୁଥିବା ପର୍ଯ୍ୟଟକଙ୍କୁ ବେଶ ଆକର୍ଷିତ କରୁଥିଲା ଓ ଲୋକେ ସେଠାରେ ସେଲ୍‌ଫି ମଧ୍ୟ ନେଉଥିଲେ।

ତେବେ ଦିର୍ଘଦିନ ଧରି ସେଠାରେ ଉକ୍ତ ୱାଟର ଫାଉଣ୍ଟେନ ହଠାତ ଉଭାନ ହୋଇଯାଇଥିବା ଦେଖିବାକୁ ମିଳିଛି। ପ୍ରାରମ୍ଭିକ ଅବସ୍ଥାରେ ଲୋକେ ଏହାର ମରାମତି ପାଇଁ ବିଇଏମସି ଉଠାଇ ନେଇଥିବା




ନେଇ ଲୋକଙ୍କର ଧାରଣା ଥିଲା। ତେବେ ଦିର୍ଘ ଦିନ ପରେ ମଧ୍ୟ ତାହା ନଫେରିବାକୁ ବା ପୁନଃ ପ୍ରତିଷ୍ଠା କରାନଯିବାରୁ ଲୋକଙ୍କ ମନରେ ସନ୍ଦେହ ପ୍ରକାଶ ପାଇଛି। ବିଇଏମସି କର୍ତ୍ତୃପକ୍ଷଙ୍କ ନଜରରେ ଏଭଳି ଘଟଣା ଘଟିଛି ଅଥବା ଏହାକୁ ପୁନଃପ୍ରତିଷ୍ଠା କରିବାରେ ଅବହେଳା କରୁଛି ସେ ନେଇ ଅନେକଙ୍କର ସନ୍ଦେହ ସୃଷ୍ଟି ହୋଇଛି। କେବଳ ଏତିକି ନୁହେଁ ବରଂ ୱାଟର ଫାଉଣ୍ଟେନ ସ୍ଥାନରେ ଲାଗିଥିବା ଗାଲିଚା ଘାସଗୁଡିକ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ବେଳେ ତାହାର ସୁରକ୍ଷା ପାଇଁ ଲାଗିଥିବା ଲୁହାର ବ୍ୟାରିକେଡର ଗ୍ରୀଲ ଗେଟକୁ ମଧ୍ୟ କେହି ଚୋରୀ କରିନେଇଥିବା ଦେଖିବାକୁ ମିଳିଛି। କେବଳ ଏମକେସିଜି ମେଡିକାଲ ମୁକ୍ୟଫାଟକ ନିକଟରେ ଏଭଳି ପରିସ୍ଥିତି ନୁହେଁ ବରଂ ବିଇଏମସି ପକ୍ଷରୁ ରକ୍ଷଣାବେକ୍ଷଣାର ଅଭାବ ଯୋଗୁଁ ସହରରେ ବିଭିନ୍ନ ସ୍ଥାନରେ ସୌନ୍ଦର୍ଯ୍ୟକରଣ ପାଇଁ ପ୍ରତିଷ୍ଠା କରାଯାଇଥିବା ବିଭିନ୍ନ ପ୍ରକଳ୍ପ ନଷ୍ଟ ହେବାକୁ ବସିଥିବା ଦେଖିବାକୁ ମିଳିଛି।

ଏନେଇ ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇଙ୍କର ଦୃଷ୍ଟି ଆକର୍ଷଣ କରାଯାଇଛି। ସେ ଏନେଇ ଖବର ସଂଗ୍ରହ କରିବା ସହିତ କିଭଳି ତୁରନ୍ତ ୱାଟର ଫାଉଣ୍ଟେନର ପୁନଃ ସ୍ଥାପନ କରାଯାଇପାରିବ ସେନେଇ ପଦକ୍ଷେପ ଗ୍ରହଣ କରିବେ ବୋଲି କହିଛନ୍ତି।

# କାଜୁ ଜଙ୍ଗଲରୁ ବିପୁଳ ଗଞ୍ଜେଇ ଜବତ



**ମୋହନା, ୧୬।୬(ସମିସ):** ଗଜପତି ଜିଲ୍ଲା ଅଡବା ଥାନା ବାଛିପଙ୍କା ନିକଟସ୍ଥ କାଜୁ ଜଙ୍ଗଲରୁ ବିପୁଳ ପରିମାଣର ଗଞ୍ଜେଇ ଜବତ କରିଛି ପୁଲିସ। ଜବତ ଗଞ୍ଜେଇ ୩ କୁଇଣ୍ଟାଲ ୪୮ କିଲୋ ଥିବାବେଳେ ଚୋରା ଚାଲାଣ କରୁଥିବା ଅଭିଯୁକ୍ତ ଘଟଣା ସ୍ଥଳରୁ ଚମ୍ପଟ ମାରିଛି। ଅଭିଯୁକ୍ତକୁ ଖୁବ ଶୀଘ୍ର ଗିରଫ କରାଯିବ ବୋଲି ଥାନା ଅଧିକାରୀ କହିଛନ୍ତି। ପୁଲିସ ସୂତ୍ରରୁ ମିଳିଥିବା ସୂଚନା ପ୍ରକାରେ ରବିବାର ଅପରାହ୍ନରେ ଗଜପତି ଏସପି ସ୍ୱାତି ଏସ କୁମାରଙ୍କ ନିର୍ଦ୍ଦେଶକ୍ରମେ ବିଶେଷ ସୂତ୍ରରୁ ଖବର ପାଇ ଅଡବା ଥାନା ଦାୟିତ୍ୱ ଥିବା ମୋହନା ଥାନା ଅଧିକାରୀ ବସନ୍ତ କୁମାର ସେଠୀ ଓ ଅଡବା ଥାନା ଷ୍ଟାପ ମିଳିତ ଭାବେ ବାଛିପଙ୍କା ଗ୍ରାମ ନିକଟରେ ଥିବା କାଜୁ ଜଙ୍ଗଲ ରେ ଚଢଉ କରିଥିଲେ। ଚଢ଼ଉ ପରେ କାଜୁ ଜଙ୍ଗଲର ଗୋଟିଏ ସ୍ଥାନରେ ୩ କୁଇଣ୍ଟାଲ ୪୮ କିଲୋ ୯ ଶହ ଗ୍ରାମ ଗଞ୍ଜେଇ ଥିବା ଦେଖିଥିଲେ। ଉକ୍ତ ଗଞ୍ଜେଇ ଜବତ କରାଯାଇଛି। ପୁଲିସ ଚଢ଼ଉ ପୂର୍ବରୁ ଅଭିଯୁକ୍ତ ଚମ୍ପଟ ମାରିଥିଲେ। ଉକ୍ତ ଗଞ୍ଜେଇ ବାହାର ରାଜ୍ୟକୁ ଚାଲାଣ ପାଇଁ ପ୍ରସ୍ତୁତି କରାଯାଉଥିଲା ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି।

# କଳାକାର ସଂଘର ନୂତନ ପରିଚାଳନା କମିଟି ଚୟନ

**ବ୍ରହ୍ମପୁର, ୧୬।୬(ସମିସ):** ଗଞ୍ଜାମ ଜିଲ୍ଲା ବରିଷ୍ଠ କଳାକାର ସଂଘର ନୂତନ ପରିଚାଳନା କମିଟି ଚୟନ ହୋଇଯାଇଛି। ସଂଘ କାର୍ଯ୍ୟକାରୀ ସଭାପତି ଦୂର୍ଗା ପ୍ରସାଦ ଆଚାର୍ଯ୍ୟଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସୀମାନ୍ତ ନଟରାଜ ଡା. ତିରୁପତି ସାହୁ, ଶିକ୍ଷାବିତ୍ ଶଙ୍କର୍ଷଣ ସାବତ, ନାଟ-ସୂର୍ଯ୍ୟ ଦେବେନ୍ଦ୍ର ପ୍ରସାଦ ଶର୍ମା, ସଂଙ୍ଗୀତ ନିର୍ଦ୍ଦେଶକ ସନ୍ତୋଷ କୁମାର ସ୍ୱାଇଁ, ସାରସ୍ୱତ ସାଧିକା କିରଣ ବାଳା ମିଶ୍ର ପ୍ରମୁଖ ମଞ୍ଚାସୀନ ଅତିଥିଭାବେ ଯୋଗଦେଇ ସଂଘର ଅନତିକ୍ରମ୍ୟ ଅବଦାନ ସମ୍ପର୍କରେ ସିଂହାବଲୋକନ କରିଥିଲେ। ସମ୍ପାଦକ ସୁବାସ ଚନ୍ଦ୍ର ସାହୁ ରୋଶନ୍ ସ୍ୱାଗତ ଭାଷଣ ସହ ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ନୂତନ ଉପଦେଷ୍ଟା ଭାବେ ନାଟ୍ୟକାର ଉମାଶଙ୍କର ଦାଶ, ନାଟ୍ୟକାର ସୁରେନ୍ଦ୍ର କୁମାର ଜେନା, ନାଟ୍ୟ-ସୂର୍ଯ୍ୟ ଦେବେନ୍ଦ୍ର ପ୍ରସାଦ ଶର୍ମା, ସଙ୍ଗୀତଜ୍ଞ ଟି. ତାରିଣୀ ରାଓ, କିରଣବାଳା



ମିଶ୍ର ପ୍ରମୁଖଙ୍କୁ ଚୟନ କରାଯାଇଥିଲା। ସୀମାନ୍ତ ନଟରାଜ ଡା. ତିରୁପତି ସାହୁ ସଭାପତି ଏବଂ ସୁବାସ ଚନ୍ଦ୍ର ସାହୁ ରୋଶନ୍ ସମ୍ପାଦକ ଭାବେ ଚୟନ ହୋଇଥିଲେ। ଦୂର୍ଗା ପ୍ରସାଦ ଆଚାର୍ଯ୍ୟ କାର୍ଯ୍ୟକାରୀ ସଭାପତି, କୋଷାଧକ୍ଷ ଅଭିରାମ ରାଉଳ, ଶଙ୍କର୍ଷଣ ସାବତ ଓ ଗୀତା ସ୍ୱାଇଁ ଉପ-ସଭାପତି ଏବଂ କୈଳାସ ଚନ୍ଦ୍ର ପାଣିଗ୍ରାହୀଙ୍କୁ ସହ ସମ୍ପାଦକ ଭାବେ ମନୋନୀତ ହୋଇଥିଲେ। କାର୍ଯ୍ୟକାରୀ କମିଟୀ ସଦସ୍ୟ ଭାବେ ସର୍ବଶ୍ରୀ ମୃତ୍ୟୁଞ୍ଜୟ ତ୍ରିପାଠୀ, ସୁଦାମ ପଟ୍ଟନାୟକ, ପାଣ୍ଡବ ପ୍ରଧାନ, ପ୍ରଦୀପ କୁମାର ସାହୁ, ଜି. କାମ ରାଜୁ ପାତ୍ର, ଗୁରୁ ପ୍ରସାଦ ଦୀକ୍ଷିତ, ହରିଶ୍ଚନ୍ଦ୍ର ବରଡ, କୃଷ୍ଣ ଚନ୍ଦ୍ର ଗୌଡ, କିଶୋର ମହାରଣା, ପ୍ରମୋଦ କୁମବନ୍ଦନା ମହାପାତ୍ର, ବନ୍ଦନା ନନ୍ଦଙ୍କୁ ସର୍ବ ସମ୍ମତ କ୍ରମେ ଚୟନ କରାଯାଇଥିଲା। ପରିଶେଷରେ ବନ୍ଦନା ନନ୍ଦ ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ।

# ରୋଟାରୀ ଗଭର୍ଣ୍ଣରଙ୍କ କ୍ଲବ୍ ପରିଦର୍ଶନ

**ବ୍ରହ୍ମପୁର, ୧୬।୬(ସମିସ):** ରୋଟାରୀ ଜିଲ୍ଲା-୩୨୬୨ର ଗଭର୍ଣ୍ଣର ରୋଟାରିଆନ ଜୟଶ୍ରୀ ମହାନ୍ତି କ୍ଲବ ପରିଦର୍ଶନରେ ଆସି ରୋଟାରୀ କ୍ଲବ ଅଫ୍ ବ୍ରହ୍ମପୁର ଇଷ୍ଟର ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। ଏନେଇ ସେ ସନ୍ତୋଷ ପ୍ରକାଶ କରି ପ୍ରଶଂସା କରଛନ୍ତି। ସମାଜ ସେବାରେ ଅଧିକରୁ ଅଧିକ ସେବାମୂଳକ କାର୍ଯ୍ୟକ୍ରମ ଗ୍ରହଣ କରିବା ପାଇଁ ପରାମର୍ଶ ଦେଇଛନ୍ତି। ସେହିପରି ରୋଟାରୀ ସହକାରୀ ପ୍ରାନ୍ତପାଳ ସତ୍ୟକାମ ପାତ୍ର ଯୋଗଦେଇ ରୋଟାରୀ ଫାଉଣ୍ଡେସନ ବୃଦ୍ଧି ଉପରେ ଗୁରୁତ୍ୱ ଆରୋପ କରିଛନ୍ତି। ଏ ଅବସରରେ ରୋଟାରୀ ଇଷ୍ଟ ତରଫରୁ ଏବଂ ଭୁବନେଶ୍ୱର 'କ୍ରିୟା' ଅନୁଷ୍ଠାନ ସହଯୋଗରେ ସହର ଉପକଣ୍ଠସ୍ଥିତ ଅନନ୍ତେଇ ଗ୍ରାମର ମହିଳା ମାନଙ୍କ ମଧ୍ୟରେ କ୍ୟାନସର ରୋଗ ଉପର ସଚେତନତା ସୃଷ୍ଟି ପାଇଁ ଏକ ସଚେତନତା ଶିବିର ଆୟୋଜିତ କରାଯାଇଥିଲା।



ଏଥିରେ ଏମକେସିଜି ମେଡିକାଲ କଲେଜ ହସପିଟାଲର ସ୍ତ୍ରୀ ଓ ପ୍ରସୂତି ବିଭାଗର ଆସୋସିଏଟ ପ୍ରଫେସର ଡା. ଇନ୍ଦିରା ପାଳ, ସିଟି ହସ୍ପିଟାଲର ଡା. ଗୀତାଞ୍ଜଳୀ ଦାସ, 'କ୍ରିୟା' ଅନୁଷ୍ଠାନର ପ୍ରତିଷ୍ଠାତା ଲିଲି ଜେନାମଣି, ଡାକ୍ତର ସରୋଜ କୁମାର ଦାସ ଯୋଗଦେଇ ମହିଳାଙ୍କୁ କ୍ୟାନସର ଉପରେ ସଚେତନତା ବାର୍ତ୍ତା ଦେଇଥିଲେ। ସେହିପରି ବ୍ରହ୍ମପୁର ସହରର ବିଭିନ୍ନ ହାଇସ୍କୁଲର ୨୦୨୪ମସିହା ଦଶମ ବୋର୍ଡ ପରୀକ୍ଷାର ୧୦ଜଣ ଟପର ବିଦ୍ୟାର୍ଥୀଙ୍କୁ କ୍ଲବ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବତନ ସଭାପତି ଡାକ୍ତର ସମ୍ବିତ ବେଗରାୟ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଗଦାଧର ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରୋଟାରୀ କ୍ଲବର ସଭାପତି ନାରସୁ ଜେନା ଅଧ୍ୟକ୍ଷତା କରି ପରିଚାଳନା କରିଥିଲେ। ପ୍ରାକ୍ତନ ସଭାପତି ପ୍ରଦୀପ କୁମାର ପଣ୍ଡା, ଅଜିତ କୁମାର ପୃଷ୍ଟି, କାମରାଜୁ ମହାରଣା, ରାଜେଶ୍ୱର ରାଓ, ଅରୁଣ ଚାନ୍ଦ ଦାଶ, ଲିପିକା ଅନୁଷ୍ଠାନର ରଞ୍ଜିତା ଦାଶ, ଏସ୍.ଦୁର୍ଗା ରାଓ, ହୃଷିକେଶ ପ୍ରଧାନ, ଏମ୍.ମନୋଜଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ୧୫ ଫୁଟର ଅଜଗର ଉଦ୍ଧାର

**ମୋହନା, ୧୬।୬(ସମିସ):** ଗଜପତି ଜିଲ୍ଲା ମୋହନା ନିକଟସ୍ଥ ଖାରୀଗୁଡା- ଲେକାପଦର ଗାଁ ନିକଟରୁ ୧୫ ଫୁଟର ଏକ ଅଜଗର ସାପ ଉଦ୍ଧାର କରିଛନ୍ତି ଗ୍ରାମବାସୀ। ଅପରାହ୍ନ ପ୍ରାୟ ସାଢେ ୪ ଟାରେ ଖାରୀଗୁଡା ଗାଁର କିଛି ଯୁବକ ଲେକାପଦର ଗାଁକୁ ଯାଉଥିବାବେଳେ ଏକ ବିରାଟ ଅଜଗର ସାପ ଦେଖି ଭୟଭୀତ ହୋଇଯାଇଥିଲେ। ସାହସ ଜୁଟାଇ ଅଜଗର ସାପକୁ ଧରିଖାରୀଗୁଡା ଗାଁକୁ ଆଣି ମୋହନା ବନ ବିଭାଗକୁ ଖବର ଦେଇଥିଲେ। ମୋହନା ବନାଞ୍ଚଳ ଅଧିକାରୀ ଲକ୍ଷ୍ମୀ ପ୍ରସାଦ ବିଷୋୟୀ, ବନପାଳ ଦେବାଶିଷ ଶତପଥୀ ଓ କର୍ମଚାରୀ ଖାରୀଗୁଡା ଗାଁରେ ପହଞ୍ଚି ଉଦ୍ଧାର ହୋଇଥିବା ଅଜଗରକୁ ଆଣି ଜଙ୍ଗଲରେ ଛାଡିଥିବା ଜଣାପଡ଼ିଛି।



# ଦିଲୀପ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

**ଖଲିକୋଟ, ୧୬।୬(ସମିସ):** ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ଶ୍ରୀକୃଷ୍ଣଶରଣପୁର ଲୋଙ୍ଗର ଗ୍ରାମ ସଂକଳେଶ୍ୱର ପଡ଼ିଆରେ ଦିଲୀପ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଦିଲୀପ ପାହାନ ଜଣେ ଭଲ କ୍ରିକେଟ ପ୍ରେମୀ ଥିଲେ। ଗ୍ରାମର ଯୁବକ ମାନଙ୍କ ପ୍ରିୟପାତ୍ର ଥିଲେ। ଗତ ମେ ୧୫ ତାରିଖରେ ରାଜନୈତିକ ହିଂସାରେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କର ସ୍ମୃତି ଉଦ୍ଦେଶ୍ୟରେ ଶନିବାର ଏହି ଟୁର୍ନାମେଣ୍ଟ ଆରମ୍ଭ ହୋଇଥିଲା।



ଏଥିରେ ୪ ଟି ଟିମ ଭାଗ ନେଇଥିଲେ। ଦୁଇ ଦିନ ଧରି ଏହି ଖେଳ ଜାରି ରହିଥିଲା। ଆଜିର ଫାଇନାଲ ମ୍ୟାଚରେ ଗେମ ଚେଞ୍ଜର ଏବଂ କ୍ରିକେଟ ୱାରୀୟର ଟିମ ମଧ୍ୟରେ କଡା ମୁକାବିଲା ହୋଇଥିଲା। ଟସ ଜିତି ଗେମଚେଞ୍ଜର ଟିମ ନିର୍ଦ୍ଧାରିତ ୧୦ ଓଭର ରେ ୧୧୪ ରନ କରିଥିଲେ। ଆବଶ୍ୟକ ୧୧୫ ରନ ଲକ୍ଷ୍ୟର ପିଛା କରି କ୍ରିକେଟ ୱାରୀୟର ଟିମ ମାତ୍ର ୫୮ ରନରେ ଅଲ ଆଉଟ ହୋଇଯାଇଥିଲା। ୱିନର ଟିମକୁ ୭ ହଜାର ଟଙ୍କା ଓ କପ ପାଇଥିବା ବେଳେ ରନର ଟିମ ୫ ହଜାର ଟଙ୍କା ଓ କପ ମିଳିଥିଲା। ଉତ୍ତମ ପାହାନ, କାହ୍ନା ପରିଡ଼ା, ଦୀପକ ସାହୁ, ଅକ୍ଷୟ ପାହାନ ପ୍ରମୁଖ ଟିମର ଦାୟିତ୍ୱ ନେଇଥିବା ବେଳେ, ଅଭିମନ୍ୟୁ ପାହାନ, ବିରାଟ ପାହାନ, ସୌରୀ ନାହାକଙ୍କ ସମେତ ଗ୍ରାମର ସମସ୍ତ ଯୁବକ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ।

# କଳାଞ୍ଜଳୀ'ର ଗ୍ରୀଷ୍ମକାଳୀନ ପ୍ରତିଯୋଗିତା

**ବ୍ରହ୍ମପୁର, ୧୬।୬(ସମିସ):** କଳାଞ୍ଜଳୀ ଆର୍ଟିଷ୍ଟ୍ରି ଟ୍ରଷ୍ଟ ତରଫରୁ ଚଳିତବର୍ଷର ଗ୍ରୀଷ୍ମକାଳୀନ ବିବିଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାତା ସମ୍ପାଦିକା ଶ୍ରୀମତୀ ରାମେଶ୍ୱରୀ ନନ୍ଦଙ୍କର ପ୍ରତ୍ୟେକ୍ଷ ତତ୍ତ୍ୱାବଧନାରେ ଆୟୋଜିତ ଏହି ଶିବିରରେ ବିଭିନ୍ନ ପ୍ରଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ମେହଦୀ ଅଙ୍କନରେ ଦଶ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ସେହିଭଳି ପ୍ରବନ୍ଧ ରଚନା ଓ ଶିଶୁ ଗୀତ ଅୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଚାରକ ଭାବରେ ସତ୍ୟ ନାରାୟଣ ମହାରଣା, ସୁଦୀପ ସାହୁ, ଇ ବାସନ୍ତୀ, କେ. ହରିପ୍ରିୟା ଏବଂ ଡ଼. ସନ୍ୟାସୀ ମହାରଣା ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମ




ସୁପରିଚାଳନାରେ ମହାନ ସଂଘ ସଭାପତି ସୁଶାନ୍ତ କୁମାର ସାବତ, ଅନୁଷ୍ଠାନ ସହ ପରିଚାଳିକା ସ୍ୱପ୍ନା ଶୁଭଦର୍ଶିନୀ ଓ ଅଭିସିକ୍ତା ଦାସ ପ୍ରମୁଖ ସହଯୋଗ କରିଥିଲେ। ଆସନ୍ତା ୨୩ ତାରିଖରେ କୃତି ପ୍ରତିଯୋଗିଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯିବ ବୋଲି ଜଣାଯାଇଛି।

■ କାର୍ ଓ ବାଇକ୍ ମୁହାଁମୁହିଁ ଧକ୍କା ଘଟଣା

# ଗୁରୁତର ବାଇକ୍ ଚାଳକଙ୍କ ମୃତ୍ୟୁ

**ପାପଡ଼ାହାଣ୍ଡି,୧୬।୬(ସମିସ):** ଶନିବାର ପାପଡ଼ାହାଣ୍ଡି ଥାନା ଅନ୍ତର୍ଗତ ଚିକିଲି ଛକ ପାଖରେ ହୋଇଥିବା କାର୍ ଓ ବାଇକ୍ ମୁହାଁମୁହିଁ ଧକ୍କାରେ ଗୁରୁତର ଆହତ ହୋଇଥିବା ବାଇକ୍ ଚାଳକଙ୍କ ରବିବାର ମୃତ୍ୟୁ ହୋଇଛି। ପରିବାର ଲୋକେ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ବିଶାଖାପାଟଣା ନେଉଥିବାବେଳେ କୋରାପୁଟ ଜିଲ୍ଲା ପଟ୍ଟାଙ୍ଗୀ ନିକଟରେ ତାଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ପାପଡ଼ାହାଣ୍ଡି ବ୍ଲକ୍ ଜଟାବାଲର ମାନସ ମନ୍ମୟ ବାଗ୍(୩୦)।

ସୂଚନାପ୍ରକାରେ, ଶନିବାର ସନ୍ଧ୍ୟାରେ ପାପଡ଼ାହାଣ୍ଡି ଥାନା ଅନ୍ତର୍ଗତ ଚିକିଲି ଛକରେ ଏକ କାର୍ ସହ ମାନସ ମନ୍ମୟଙ୍କ ବାଇକ ମୁହାଁମୁହିଁ ଧକ୍କା ହୋଇଥିଲା। ଉକ୍ତ ଦୁର୍ଘଟଣାରେ ବାଇକ୍ ଚାଳକ ମାନସ ରାସ୍ତା କଡ଼କୁ ଛିଟିକି ପଡ଼ି ଗୁରୁତର ହୋଇଥିଲେ। ତାଙ୍କୁ ସ୍ଥାନୀୟ ଲୋକେ ୧୦୮ ଆମ୍ବୁଲାନ୍ସ ଯୋଗେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। କିନ୍ତୁ ଡାକ୍ତର ତାଙ୍କୁ ବିଶାଖାପାଟଣା ନେବା ପାଇଁ ପରାମର୍ଶ ଦେଇଥିଲେ। ପରିବାର ଲୋକେ ତାଙ୍କୁ ବିଶାଖାପାଟଣା ନେବା ସମୟରେ ପଟ୍ଟାଙ୍ଗୀ ନିକଟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏହାପରେ ପରିବାର ଲୋକେ ପାପଡ଼ାହାଣ୍ଡି ଥାନାରେ ଏତଲା ଦେଇଥିଲେ। ପୁଲିସ ଏତଲା ଅନୁଯାୟୀ, ଏକ ମାମଲା (୧୩୪/୨୪) ରୁଜୁ କରି ମୃତ ମାନସଙ୍କ ଶବକୁ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ସେବକ ଦଳର ଗୋ-ସେବା କାର୍ଯ୍ୟକ୍ରମ

**ସୁନାବେଡ଼ା, ୧୬।୬(ସମିସ):** : କୋରାପୁଟସ୍ଥିତ ସୁନାବେଡ଼ା ଅଞ୍ଚଳରେ ସେବକ ଦଳ ତରଫରୁ ଗୋ-ସେବା କାର୍ଯ୍ୟକ୍ରମରେ ଗାଈମାନଙ୍କୁ ଖାଦ୍ୟ ଦେବା ସହ ଜନସଚେତନତା କରାଯାଇଥିଲା। ବୁଲା ଗାଈ ବାହାରେ ବର୍ଜ୍ୟ ଖାଦ୍ୟ ଖାଇ ରୋଗରେ ପୀଡ଼ିତ ହେଉଛନ୍ତି। ସାଧାରଣତଃ ପ୍ଲାଷ୍ଟିକ ଓ ପଲିଥିନ ଖାଇ ଗାଈମାନେ ରୋଗରେ ପୀଡ଼ିତ ହେଉଛନ୍ତି। ସେଥିପାଇଁ ସେବକ ଦଳର ଭାଇମାନେ ଲୋକଙ୍କୁ ସଚେତନ କରାଇଥିଲେ। ପ୍ରତ୍ୟେକ ଗଳି କିମ୍ବା କଲୋନୀରେ ଗୋଟିଏ ଗୋଟିଏ କୁଣ୍ଡ କରି ସେଥିରେ ପେଜ ଆଉ ବାସି ରୁଟିକୁ ନ ଫୋପାଡ଼ି ପକାଇଲେ ଗାଈମାନେ ତାକୁ ଖାଇ ସୁସ୍ଥ ରହିବେ ବୋଲି ସେବକ ଦଳ ପକ୍ଷରୁ ସୂଚାଯାଇଥିଲା। କାର୍ଯ୍ୟକ୍ରମରେ ସେବକ ଦଳର ସମ୍ପାଦକ ତ୍ରିଲୋଚନ ବେହେରାଙ୍କ ନେତୃତ୍ୱରେ ସମାଜସେବୀ ସୁଜିତ୍ ପଣ୍ଡା, ଶୁଭମ୍, ଗୋବିନ୍ଦ, ରୁଘା, ମନୋଜ ସାହାଣୀ, ଚନ୍ଦ୍ର ଘୋଷ ମୁଖ୍ୟ ଉପସ୍ଥିତ ଥିଲେ। ସେବକ ଦଳର କୋଷାଧକ୍ଷ ସାଇମନ ସାଗର ସହଯୋଗ କରିଥିଲେ।

# ସଠିକ୍ ଭାବେ ପାନୀୟ ଜଳ ପାଇପାରୁ ନାହାନ୍ତି ୭ ୱାର୍ଡବାସୀ

## ସମାଧାନ ନ ହେଲେ ପମ୍ପ୍ ହାଉସରେ ତାଲା ପକାଇବାକୁ ଚେତାବନୀ

କାକିରିଗୁମ୍ମା,୧୬।୬(ସମିସ):

ପାନୀୟ ଜଳ ଯୋଗାଣ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ଅବହେଳା ଯୋଗୁଁ କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ୍ ଅନ୍ତର୍ଗତ କାକିରିଗୁମ୍ମା ପଞ୍ଚାୟତର ୭ ୱାର୍ଡବାସୀ ସଠିକ୍ ଭାବେ ପାଇପ୍ ଯୋଗେ ପାନୀୟ ଜଳ ପାଇପାରୁ ନ ଥିବା ଅଭିଯୋଗ ହୋଇଛି। ଏହି ଯୋଗାଇବା ନିମନ୍ତେ ୮୦ ହଜାର ଲିଟର କ୍ଷମତା ବିଶିଷ୍ଟ ପାଣି ଟାଙ୍କି ନିର୍ମାଣ କରାଯାଇଛି। ଲୋକଙ୍କୁ ପ୍ରତି ଦିନ ସକାଳୁ କିମ୍ବା ସନ୍ଧ୍ୟାରେ ସେଥିରୁ ପାନୀୟ ଜଳ ଯୋଗାଇଦେବା ପାଇଁ ପ୍ରଶାସନ ବ୍ୟବସ୍ଥା କରିଛି। ସବୁପ୍ରକାର ବ୍ୟବସ୍ଥା ଠିକ୍ ରହିଥିଲେ ମଧ୍ୟ କର୍ମଚାରୀଙ୍କ ଅବହେଳା ଯୋଗୁଁ ସଠିକ୍ ଭାବରେ ପାନୀୟ ଜଳ ଉକ୍ତ ୭ ୱାର୍ଡବାସୀଙ୍କୁ ମିଳିପାରୁ ନାହିଁ।


### କର୍ମଚାରୀଙ୍କ ଅବହେଳା

ପ୍ରତିଦିନ ନିୟମିତ ପାନୀୟ ଜଳ ଯୋଗାଣ କରାଯାଉ ନ ଥିବା ୱାର୍ଡବାସୀ ଅଭିଯୋଗ କରିଛନ୍ତି। ପ୍ରତି ଦୁଇ ଦିନକୁ ଥରେ ମାତ୍ର ୧୫ ମିନିଟ୍ ପାଇଁ ଜଳଯୋଗାଣ ଦାୟିତ୍ୱରେ ଥିବା କର୍ମଚାରୀମାନେ ଜଳ ଯୋଗାଉଛନ୍ତି। ବହୁତ କମ୍ ସମୟ ଯୋଗୁଁ ଲୋକମାନଙ୍କୁ ସଠିକ ଭାବରେ ପାନୀୟ ଜଳ ମିଳିପାରୁ ନ ଥିବା ୭ ୱାର୍ଡର ବାସିନ୍ଦା ଅଭିଯୋଗ କରିଛନ୍ତି।

ସମସ୍ୟାର ସମାଧାନ କରା ନ ଗଲେ ୭ ୱାର୍ଡବାସୀ ପମ୍ପ୍ ହାଉସରେ ତାଲା ପକାଇବାକୁ ଚେତାବନୀ ଶୁଣାଇଛନ୍ତି।

ସୂଚନାପ୍ରକାରେ, କାକିରିଗୁମ୍ମା ପଞ୍ଚାୟତର ଗୌଡ଼ ସାହି, ଉପର ଆଦିବାସୀ ସାହି, ପାଇକ ସାହି, ଧୋବା ସାହି, ଶୁଣ୍ଢି ସାହି, ତଳ ଆଦିବାସୀ ସାହି, ହରିଜନ ସାହି, ରେଲିସାହି ପ୍ରମୁଖ ୭ଟି ୱାର୍ଡର ଲୋକେ ପାଇପ୍ ଯୋଗେ ପାନୀୟ ଜଳ ସଠିକ୍ ଭାବେ ପାଇପାରୁ ନାହାନ୍ତି। ଗ୍ରାମବାସୀଙ୍କୁ ଜଳ

କାକିରିଗୁମ୍ମା ସରପଞ୍ଚ, କନିଷ୍ଠ ଯନ୍ତ୍ରୀଙ୍କୁ ଏନେଇ ଅଭିଯୋଗ କରିବା ପରେ ମଧ୍ୟ କୌଣସି ସୁଫଳ ମିଳିନାହିଁ ବୋଲି ୱାର୍ଡ ବାସିନ୍ଦା ପ୍ରକାଶ କରିଛନ୍ତି। ଏଥିପ୍ରତି ଦୃଷ୍ଟି ଦେଇ ସଠିକ୍ ଭାବରେ ପାନୀୟ ଜଳ ଯୋଗାଇବା ବ୍ୟବସ୍ଥା କରା ନ ଗଲେ ଆଗାମୀ ଦିନରେ ପମ୍ପ୍ ହାଉସରେ ତାଲା ପକାଇବା



ପାଇଁ ସମସ୍ତ ୭ଟି ୱାର୍ଡର ବାସିନ୍ଦା ଚେତାବନୀ ଦେଇଛନ୍ତି। କାକରିଗୁମ୍ମା ସରପଞ୍ଚ ପୁଷ୍ପ ସାଉଁନ୍ତାଙ୍କୁ ପଚାରିବାରେ ସମସ୍ୟାର ସମାଧାନ ଖୁବଶୀଘ୍ର କରାଯିବ ବୋଲି କହିଛନ୍ତି।

